# ସାକ୍ଷୀଗୋପାଳ ଓ କାକଟପୁରକୁ ଏନ୍‌ଏସି ମାନ୍ୟତା

**ପୁରୀ/ ସାକ୍ଷୀଗୋପାଳ/କାକଟପୁର,୧୩।୩(ସମିସ)**

ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୧୩ଟି ଜିଲ୍ଲାରେ ୨୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ପାଇଁ ଘୋଷଣା କରିଛନ୍ତି। ଯେଉଁଥିରେ ପୁରୀ ଜିଲ୍ଲାର ୨ଟି ଅର୍ଥାତ୍ ସାକ୍ଷୀଗୋପାଳ ଏବଂ କାକଟପୁର ରହିଛି। ଏହି ୨ଟି ନୂଆ ଏନ୍‌ଏସି କାର୍ଯ୍ୟକ୍ଷମ ହେବା ପରେ ଜିଲ୍ଲାର ଏନ୍‌ଏସି ସଂଖ୍ୟା ୫ ହୋଇଛି। ପୂର୍ବରୁ ୩ଟି (ପିପିଲି, ନିମାପଡ଼ା ଏବଂ କୋଣାର୍କ) ଏନ୍‌ଏସି ରହିଥିଲା। ତେବେ ନୂତନ ଭାବେ ଏନ୍‌ଏସି ଘୋଷଣା ହୋଇଥିବା ସାକ୍ଷୀଗୋପାଳ ଏବଂ କାକଟପୁରବାସୀ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



ଗତମାସରେ ରାଜ୍ୟ ସରକାର ନୂତନ ଭାବେ ୩୫ଟି ଏନ୍‌ଏସି ଘୋଷଣା କରିଥିଲେ। ହେଲେ ଏଥିରେ ପୁରୀ ଜିଲ୍ଲାର ନାଁ ନ ଥିଲା। ଫଳରେ ଏହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ବିଭିନ୍ନ ବ୍ଲକରେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ଲୋକେ। କାକଟପୁରକୁ ଏନ୍‌ଏସି ଘୋଷଣା ଲାଗି ଦାବି ଜୋର୍ ଧରିଥିଲା। ଅଞ୍ଚଳବାସୀ ପଦଯାତ୍ରା କରି ରାଜଧାନୀ ଅଭିମୁଖେ ଯାଇଥିଲେ। ତେବେ ଯାହା ବି ହେଉନା କାହିଁକି ନୂତନ ଭାବେ ଘୋଷଣା ହୋଇଥିବା ୨୨ଟି ଏନ୍‌ଏସି ମଧ୍ୟରେ ପୁରୀ ଜିଲ୍ଲାରୁ ୨ଟି ସ୍ଥାନ ପାଇଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ଏନେଇ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ସାକ୍ଷୀଗୋପାଳକୁ ଏନ୍‌ଏସି ଭାବେ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷଙ୍କୁ ଆମେ କୃତଜ୍ଞତା ଜଣାଉଛୁ। ଏହି ଘୋଷଣା ପରେ ଅଞ୍ଚଳବାସୀ ବେଶ୍ ଖୁସି ଅଛନ୍ତି। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା କହିଛନ୍ତି, ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ସତ୍ୟବାଦୀକୁ ଏନ୍‌ଏସି ଘୋଷଣା ପାଇଁ ଅଞ୍ଚଳବାସୀଙ୍କର ଆଶା ରହିଥିଲା। ତାହାକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଆମେ ଧନ୍ୟବାଦ ଦେଉଛୁ। ଏଥିରେ ସତ୍ୟବାଦୀର ବୁଦ୍ଧିଜୀବୀ, ଜନସାଧାରଣ ସମସ୍ତଙ୍କର ପ୍ରଚେଷ୍ଟା ରହିଛି। ଏହି ଅବସରରେ ସତ୍ୟବାଦୀ ସ୍ୱାଭିମାନ ମଞ୍ଚ ପକ୍ଷରୁ ସତ୍ୟବାଦୀ ଦାଶ, ସୁଶାନ୍ତ କୁମାର ରଥ, ବିଜୟ କୁମାର ପରିଡ଼ା, ରବୀନ୍ଦ୍ର ନାଥ ଷଡ଼ଙ୍ଗୀ, ନିହାର ରଞ୍ଜନ ସ୍ୱାଇଁ, ଦେବାଶିଷ ମିଶ୍ର, ଗୋବିନ୍ଦ ମହାପାତ୍ର, ସୁର ପ୍ରସାଦ ମହାନ୍ତି, ହୃଷୀକେଶ ମିଶ୍ର, ସୁନିଲ କୁମାର ବେହେରା ପ୍ରମୁଖ ସାକ୍ଷୀଗୋପୀନାଥଙ୍କ ମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

**ପୁରୀ ଜିଲ୍ଲାରେ ଏନ୍‌ଏସି ସଂଖ୍ୟା ହେଲା ୫**

**ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା**




## ଦୋକାନ କବାଟ ତାଡ଼ି ଚୋରି

**ନୟାହାଟ,୧୩।୩(ସମିସ):** ନୟାହାଟ ବଜାରର ସଭାପତି ଫକୀର ବାରିକଙ୍କ ଦୋକାନର କବାଟ ତାଡ଼ି କେହି ଦୁର୍ବୃତ୍ତ ବିଭିନ୍ନ ସାମଗ୍ରୀ ଚୋରି କରିନେଇଛି। ଦୋକାନରେ ଲାଗିଥିବା ଏକ ଇନ୍‌ଭୋଟର୍ ଓ ଦୁଇଟି ବ୍ୟାଟେରି ଚୋରି ହୋଇଥିବା ନେଇ ଶ୍ରୀ ବାରିକ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ନୟାହାଟ ବଜାରରେ ବାରମ୍ବାର ଚୋରି ହେଉଥିବାରୁ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଦାବି ହେଉଛି।

## ଆନନ୍ଦପୁରରେ ଅଷ୍ଟପ୍ରହରୀ ଓ ନାମଯଜ୍ଞ



**ସାକ୍ଷୀଗୋପାଳ,୧୩।୩(ସମିସ):** ସତ୍ୟବାଦୀ ବ୍ଲକ ବଳପୁର ପଞ୍ଚାୟତର ଆନନ୍ଦପୁର ଗ୍ରାମରେ ଅଷ୍ଟପ୍ରହରୀ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଦେବତୀଙ୍କ ପୂଜାରୀ ଗଣେଶ ଦାସଙ୍କ ତତ୍ତ୍ୱାବଧାନରେ ଆଠ ଜଣ ଭାର୍ଗବୀ ନଦୀରୁ କଳସ ବୁଡ଼ାଇ ଆଣିବା ପରେ ନାମସଂକୀର୍ତ୍ତନ ସ୍ଥଳରେ ଘଟ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଉଗ୍ରତାରା, ତାରିଣୀ, ରାଧାକୃଷ୍ଣ, ହାଣ୍ଡୁଲେଇ, ଭଗବତ ବାସୁଦେବ କୁଞ୍ଜରେ ବସି ପୂଜା ପାଇବା ସହ ନାମସଂକୀର୍ତ୍ତନ ଆରମ୍ଭ କରାଯାଇଥିଲା। କୁସୁମେଶ୍ୱର, ବରଦାମାଳ, ବନମାଳୀପୁର, ଘୁଷୁରିଖାଳ, ବାଲିପୋଖରୀ, ବଳପୁର, ବିଦ୍ୟାଧରପୁର, କଳାପାହଡ଼ ଗ୍ରାମର ସଂକୀର୍ତ୍ତନ ଦଳ ନାମସଂକୀର୍ତ୍ତନ କରିଥିଲେ।

## ନଦୀରେ ବୁଡ଼ି ମହିଳା ମୃତ

**ଅସ୍ତରଙ୍ଗ,୧୩।୩(ସମିସ):** ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ପଞ୍ଚାୟତ ମଧୁପୁର ଗ୍ରାମର ଶାନ୍ତି ମୁଦୁଲି (୫୩) ସୋମବାର ଗ୍ରାମର ଅନ୍ୟ ମହିଳାଙ୍କ ସହ ସହନ ନଈ ପାରହୋଇ ଜଙ୍ଗଲକୁ ଜାଳ ଆଣିବାକୁ ଯିବାବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ଖବର ପାଇ ନୂଆଗଡ଼ ସାମୁଦ୍ରିକ ଥାନାର ଅତିରିକ୍ତ ଥାନା ଅଧିକାରୀ ଏସ୍‌କେ ଜେନା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



**ଚାରିଛକ,୧୩।୩(ସମିସ):** ପୁରୀ ଜିଲ୍ଲା ମୁଖ୍ୟ଼ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଜାତା ମିଶ୍ର ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହିତ ୨ଟି ବିଭାଗର ନୂତନ ଗୃହକୁ ଉଦ୍‌ଘାଟନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣ କରାଯାଇଥିବା ନୂତନ ଦାନ୍ତ ବିଭାଗ ଓ ଶିଶୁ ବିଭାଗ ୱାର୍ଡ, ନିରାମୟ ଔଷଧ ବିତରଣ କେନ୍ଦ୍ର, ଅନ୍ତେବାସୀଙ୍କ ନିମନ୍ତେ ନିର୍ମାଣ କରାଯାଇଥିବା ନୂତନ କୋଠାକୁ ବୁଲିଦେଖି ବେଶ ଖୁସି ଅନୁଭବ କରିଥିଲେ। ପୁରୀ ଜିଲ୍ଲା ମୁଖ୍ୟ଼ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସହିତ ଡି.ପି.ଏମ୍ ଟି. ନାରାୟଣ ରାଓ, ଡିଏଏମ ବିଜୟ କୁମାର ନାୟକ, ଡିଏମ୍‌ଆର୍‌ସିଏଚ୍ ପ୍ରଶାନ୍ତ କୁମାର ବରାଳ, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ଡା. ଅଭିନନ୍ଦନ ମହାପାତ୍ର, ଆୟୁଷ ଏମଓ ଡା.ମହେଶ ପ୍ରସାଦ ମହାପାତ୍ର, ବି.ପି.ଏମ ଶିବ ନାରାୟଣ ନନ୍ଦ, ବିଏଏମ୍ ଆଶୁତୋଷ ମିଶ୍ର, ସ୍ୱାସ୍ଥ୍ୟକର୍ମୀ ତପନ କୁମାର ସାହୁ, ସ୍ୱାସ୍ଥ୍ୟକର୍ମୀ ବିଶ୍ୱରଞ୍ଜନ ସେନ ପ୍ରମୁଖ ଉପସ୍ଥିତ ଥିଲେ।

## ନିମାପଡ଼ା ୪ ଲେନ୍ ରାସ୍ତାକାର୍ଯ୍ୟର ତଦାରଖ କଲେ ବିଧାୟକ

**ନିମାପଡ଼ା,୧୩।୩(ସମିସ)**



ପିପିଲି-କୋଣାର୍କ ମୁଖ୍ୟ ରାସ୍ତାର ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ତଳଅଣ୍ଡିଆଠାରୁ ମୋହନ ଦାଶ ମାର୍ଗ କୁଶଭଦ୍ରା ନଦୀ ବ୍ରିଜ ପର୍ଯ୍ୟନ୍ତ ୪ ଲେନ ରାସ୍ତାକାର୍ଯ୍ୟ ଜାରି ରହିଛି। ଆଜି ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ନିର୍ମାଣାଧୀନ କାର୍ଯ୍ୟର ତଦାରଖ କରିବା ସହ ରାସ୍ତାକାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା କାର୍ଯ୍ୟ ବିଳମ୍ବ ହେବା ଦ୍ୱାରା ଜନସାଧାରଣ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଥିବା ନେଇ ଅଭିଯୋଗ ହେଉଛି। କେତେକ ସ୍ଥାନରେ କିଛି ବ୍ୟକ୍ତି ରାସ୍ତାକାର୍ଯ୍ୟ ଅବରୋଧ କରିଥିବା ଫଳରେ କାର୍ଯ୍ୟରେ ବିଳମ୍ବ ଘଟୁଥିବାରୁ ଉକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ସରକାରୀ ଜାଗା ଖାଲି କରିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତାଗିଦ କରାଯାଇଛି। ଏନ୍‌ଏସି ଭିତରେ ଥିବା ସରକାରୀ ସ୍ଥାନ ନିରୂପଣ କରାଯାଇ ସେଠାରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯିବା ସହ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଯଥାଶୀଘ୍ର ଥଇଥାନ କରାଯିବ ଏବଂ କୁଶଭଦ୍ରା ନଦୀ ଉପରେ ଆଉ ଏକ ବ୍ରିଜ୍ ନିର୍ମାଣ କରାଯିବ ବୋଲି ବିଧାୟକ ଶ୍ରୀ ଦାଶ ପ୍ରକାଶ କରିଛନ୍ତି। ଏ ନେଇ ଆଜି ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବିଧାୟକ ଶ୍ରୀ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ସଂପାଦକ ସନ୍ତୋଷ ଓଝା, ଯୁବ ସଭାପତି ସତ୍ୟଜିତ ଆଚାର୍ଯ୍ୟ, ଏନ୍‌ଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ଲୋକନାଥ ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ବରିଷ୍ଠ ବ୍ୟବସାୟୀ ପଦ୍ମ ଚରଣ ସାହୁ, ପୂର୍ତ୍ତ ବିଭାଗ ଏସି ରଶ୍ମି ରଞ୍ଜନ ସାହୁ, ସି.ସି ଅଜିତ ପ୍ରସାଦ ମହାପାତ୍ର, ତହସିଲଦାର ବସନ୍ତ କୁମାର ହାତୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ପିଏଚଡି ସହକାରୀ ନିର୍ବାହୀଯନ୍ତ୍ରୀ ଶଶୀଭୂଷଣ ମହାନ୍ତି, ଟିପିସିଓଡିଏଲର ମ୍ୟାନେଜର ବିଶ୍ୱରଞ୍ଜନ ବେହେରା, ନିମାପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ କୁଶାମ ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ଶକ୍ତି ପ୍ରସାଦ ଜେନା, ଏନ୍‌ଏସି ପରିମଳ ବିଭାଗ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏଲ୍‌ଓ ଓ ସୁପରଭାଇଜରଙ୍କ ପ୍ରଶିକ୍ଷଣ ଶିବିର



**ସାକ୍ଷୀଗୋପାଳ,୧୩।୩(ସମିସ):** ସତ୍ୟବାଦୀ ବ୍ଲକର ସଦ୍‌ଭାବନା ଗୃହ ପରିସରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ବ୍ଲକର ବିଏଲ୍‌ଓ, ସୁପରଭାଇଜରମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସତ୍ୟବାଦୀରେ ଥିବା ୧୧୬ଟି ବୁଥ୍ ଦାୟିତ୍ୱରେ ଥିବା ୧୧୬ ଜଣ ଅଙ୍ଗନବାଡ଼ି ୱାର୍କର, ଶିକ୍ଷକ, ଶିକ୍ଷୟିତ୍ରୀ, ବିଏଲଓଙ୍କ ସହିତ ସେମାନଙ୍କୁ ସହଯୋଗ କରୁଥିବା ୧୧ ଜଣ ସୁପରଭାଇଜରମାନଙ୍କୁ ସ୍ୱତନ୍ତ୍ର ଭାବେ ବିଡିଓ ଲିପ୍‌ସା ରାୟ, ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ରାଜେଶ ଓ ଜିପିଓ ସୌଭାଗ୍ୟ ରଞ୍ଜନ କର ତାଲିମ ପ୍ରଦାନ କରିଥିଲେ। ବିଶେଷ କରି ନିର୍ବାଚନ କମିଶନଙ୍କର ଦ୍ୱାରା ପ୍ରଦତ୍ତ ଭୋଟର ସ୍ଲିପ୍ ପ୍ରତି ଭୋଟରଙ୍କ ନିକଟରେ ସଠିକ ସମୟରେ ବିଏଲଓମାନେ ପହଞ୍ଚାଇବେ, ଉକ୍ତ ବୁଥକୁ ଯାଇଥିବା ପୁଲିଙ୍ଗ ଅଫିସର ମାନଙ୍କୁ ସହଯୋଗ କରିବା ସହିତ ଭୋଟ ଗ୍ରହଣ ଦିନ ବୁଥ୍‌ରେ ହେଲ୍‌ପ ଡେକ୍ସ ଖୋଲି ସେଠାରେ ଉପସ୍ଥିତ ରହିବାକୁ ବିଡିଓ ଶ୍ରୀମତୀ ରାୟ କହିଥିଲେ।

## ୫ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

**ନିମାପଡ଼ା,୧୩।୩(ସମିସ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ଧନୁଆଁ, ଅନ୍ଧୁଆର ଓ ସଲଙ୍ଗ ଆଦି ପଞ୍ଚାୟତରେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ୫ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଯାଇଛି। ଧନୁଆଁ ପଞ୍ଚାୟତ ହରିଶପୁର ମହାବୀର ମଣ୍ଡପର ଉଦ୍‌ଘାଟନ, ଅନ୍ଧୁଆର ପଞ୍ଚାୟତ ତରଡାପଡା କେନାଲ ରାସ୍ତାର ଶିଳାନ୍ୟାସ, କୁଆଁସ କୋଲ ରାସ୍ତାର ଶିଳାନ୍ୟାସ, ସଲଙ୍ଗ ପଞ୍ଚାୟତ ଆମରଙ୍ଗ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ ଓ ଆମରଙ୍ଗ ଗୋପାଳପୁର ରାସ୍ତାର ଶିଳାନ୍ୟାସ ହୋଇଯାଇଛି। ବିଧାୟକ ଶ୍ରୀ ଦାଶଙ୍କ ସହିତ ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ପାନୀୟଜଳ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ପ୍ରବୀର କୁମାର ବଳଙ୍କ ସମେତ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।



## ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ

**ଚାରିଛକ,୧୩।୩(ସମିସ):** ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ କୁସୁମାଠେଙ୍ଗ ଗ୍ରାମର ମା' ବାଲ୍ୟାଣୀ ଭଲିବଲ କ୍ଲବ ଦ୍ୱାରା ଆଜି ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଅରୁଣ କୁମାର ସାହୁ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପାରାଦୀପ ଭଲିବଲ ଟିମ୍, କାକଟପୁର ଭଲିବଲ ଟିମ୍, ଜଗତସିଂହପୁର ଭଲିବଲ ଟିମ୍, ଅଙ୍ଗେଶ୍ୱରପଡା ଭଲିବଲ ଟିମ୍, ଜାଜଲପୁର ଭଲିବଲ ଟିମ୍, ସରକଣା ଭଲିବଲ ଟିମ୍, ତଣ୍ଡିକଣା ଭଲିବଲ ଟିମ୍ ଓ ଦିଘାଳୋ ଭଲିବଲ ଟିମ୍ ଆଦି ୮ଟି ଦଳ ଭାଗ ନେଇଛନ୍ତି। ବାଲ୍ୟାଣୀ କ୍ଲବର ରଘୁନାଥ ବେହେରା, ରାହୁଳ ଓଝା, ବଗୁଲି ଦାସ, ଚିକୁ ଓଝା, ରିଙ୍କୁ ଓଝା, ସର୍ବେଶ୍ୱର ଓଝା, ମଣ୍ଟୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ପିଏଚ୍.ଡି ଲାଭ



ଗବେଷକ ଭଗତରାମ ସେଟ୍ ମେଟ୍ସ ବିଶ୍ୱବିଦ୍ୟାଳୟ ରାୟପୁରରୁ ଇଂରାଜୀରେ ପି.ଏଚ.ଡି ଉପାଧି ପାଇବା ପାଇଁ ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "National Disparities with special reference to representation of India in select works of Gita Mehta". ଡକ୍ଟର ଭଗତରାମ ମେଟ୍ସ (MATs)ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ରଂଜନା ଦାସ ସରଖେଲଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗୀର ପ୍ରଫେସର ଡଃ. ପ୍ରତାପ କୁମାର ଦାସ ଏବଂ ଛତିଶଗଡ ସ୍ୱାମୀ ବିବେକାନନ୍ଦ ଟେକନିକାଲ ବିଶ୍ୱବ୍ୟାଳୟ, ଭିଲାଇ ପ୍ରଫେସର ଚନ୍ଦ୍ରଶେଖର ଶର୍ମା, ଉଚ୍ଚ ପ୍ରଶଂସିତ ହୋଇଅଛି। ଡଃ ଭଗତରାମ ସାନସରାଇପାଲି ଗ୍ରାମର ଶ୍ରୀ ଯୋଗେଶ୍ୱର ସେଟ ଏବଂ ଶ୍ରୀମତୀ ବିଳାଶିନୀ ସେଟଙ୍କ ଦ୍ୱିତୀୟ ପୁତ୍ର ଅଟନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ସ୍ତ୍ରୀ ତଥା ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ, ଶୁଭେଚ୍ଛୁମାନଙ୍କୁ ତଥା ସର୍ବୋପରି ପରମାତ୍ମାଙ୍କୁ କୃତଜ୍ଞତା ଜଣାଇଛନ୍ତି।


ପ୍ରଥମ ଶ୍ରାଦ୍ଧବାର୍ଷିକୀର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଦେବାଶିଷ ବେବର୍ତା (ଗୁଗୁ)
ଆବିର୍ଭାବ: ୨୭.୦୬.୨୦୦୫, ତିରୋଧାନ: ୨୪.୦୨.୨୦୨୩ ଗୁରୁ ପଞ୍ଚମୀ
ଗୋବରା, ଗଞ୍ଜାମ
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, ତୋର ସେ ସ୍ନେହଭରା ଡାକ ଆଉ ଶୁଭୁନାହିଁ, ପ୍ରତ୍ୟେକ ମୁହୂର୍ତ୍ତରେ ତୋର ଅନୁପସ୍ଥିତିକୁ ଆମେ ଅନୁଭବ କରୁଛୁ।
ଅସମୟରେ ଆମକୁ ଛାଡି ତୁ ଅଫେରା ରାଇଜକୁ ଚାଲିଗଲୁ, ସବୁଦିନେ ସବୁସମୟରେ ତୁ ମନେ ପଡୁଛୁ, ତୁ ଯେଉଁଠି ବି ଥାଆ ଭଲରେ ଥାଆ, ତୋର ଅମରାତ୍ମା ଶାନ୍ତିପାଉ। ତୋର ଅମରାତ୍ମା ପରମାତ୍ମାଙ୍କ ହୃଦୟରେ ଲୀନ ହେଉ ବୋଲି, ଜଗତରନାଥ ଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭର ପ୍ରାର୍ଥନା।
ଇତି : ତୋର ହତଭାଗିନୀ ମାମା ରଂଜିତା ଦେବୀ,ବୋଉ, ବଡମାମା, ରୀନା ଦିଦି, ମିନିଦିଦି, ମଉସା, ବଡ଼ମାମୁ, ସାନମାମୁ ଦୁଇ ମାଇଁ, ମାମାଦିଦି, ଟିନାଦିଦି,ଟିଙ୍କୁ ଭାଇ, ସ୍ନେହା, ସାଇ, ପ୍ରିୟାଂଶୁ ଓ ବାବୁ।

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଆଶାଲତା ମିଶ୍ର
ସ୍ୱାମୀ- ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ବରାଳପୋଖରୀ, ଚରମ୍ପା, ଭଦ୍ରକ
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକ
ନ ଚୈନଂକ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ
ଶୋକସନ୍ତପ୍ତ: ମିଲି, ମିଟୁ, ବୁଲୁ, ନିକି, ଲୁଲୁ, ମାମୁନି, ବବି, ମିନୁ, ଗୁଡୁଲି, ଟପଲି, ତାନିଆ, ଲୁନିଆ, ଧ୍ରିମାନ, ବୁବୁଲୁ, ସନିଆ, ଏବଂ ମିଶ୍ର ପରିବାରର ସମସ୍ତ ସଦସ୍ୟ ସଦସ୍ୟା, ବନ୍ଧୁ ଓ ଆତ୍ମୀୟସ୍ୱଜନ


## ମାର୍କେଟ୍ କମ୍ପ୍ଲେକ୍ସରୁ ବେଆଇନ ନିର୍ମାଣ ଉଚ୍ଛେଦ

### ୩୫ ଲକ୍ଷ ବ୍ୟୟରେ ହେବ ନୂତନ ରାସ୍ତା



**କୋଣାର୍କ,୧୩।୩(ସମିସ):** ବୁଧବାର କୋଣାର୍କ ଏନ୍‌ଏସି ପ୍ରଶାସନ ପକ୍ଷରୁ ବସ୍‌ଷ୍ଟାଣ୍ଡ ସଂଲଗ୍ନ ମାର୍କେଟ କମ୍ପ୍ଲେକ୍ସ ଅଞ୍ଚଳରେ ରାସ୍ତାକୁ ଅବରୋଧ କରି କରାଯାଇଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯାଇଛି। ମାର୍କେଟ କମ୍ପ୍ଲେକ୍ସର ବିଭିନ୍ନ ରାସ୍ତା ମଧ୍ୟରୁ ଦୁଇଶହ ମିଟର ଦୈର୍ଘ୍ୟ ଓ ୧୫ ଫୁଟ ଓସାର ବିଶିଷ୍ଟ ଗୋଟିଏ ଗଳି ରାସ୍ତା ନିର୍ମାଣ ନିମନ୍ତେ ୨୦ ଲକ୍ଷ ଟଙ୍କା ଓ ୪୦ଫୁଟ୍ ଓସାର ବିଶିଷ୍ଟ ଅନ୍ୟ ଗୋଟିଏ ରାସ୍ତାର ଅବଶିଷ୍ଟାଂଶ ନିର୍ମାଣ ନିମନ୍ତେ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଛି। କେତେକ ବ୍ୟବସାୟୀ ରାସ୍ତାକୁ ଅବରୋଧ କରି ପାହାଚ, ପୋର୍ଟିକୋ, ଟଏଲେଟ୍ ଟାଙ୍କି ଓ ସୋକପିଟ୍ ନିର୍ମାଣ କରିଥିବାରୁ ନୂତନ ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ଲାଗି ରହିଥିଲା। କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ଦୀର୍ଘବର୍ଷ ଧରି ରହିଥିବା ରାସ୍ତା ଅବରୋଧକୁ ହଟାଇବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ସମସ୍ୟା ୬ ଏକର ପରିମିତ ମାର୍କେଟ କମ୍ପ୍ଲେକ୍ସ ଅଞ୍ଚଳରେ ଚାରିଆଡ଼େ ବଳବତ୍ତର ରହିଛି। ଧୀରେ ଧୀରେ ସମସ୍ତ ଗଳି ରାସ୍ତା ଉପରୁ ଜବରଦଖଲ ହଟାଯାଇ ନୂତନ ରାସ୍ତା ଓ ଡ୍ରେନ୍ ନିର୍ମାଣ କରାଯିବା ସହିତ ମାର୍କେଟ କମ୍ପ୍ଲେକ୍ସ ଅଞ୍ଚଳରେ ଭିତ୍ତିଭୂମିର ବିକାଶ କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀମତୀ ଧଳ ପ୍ରକାଶ କରିଛନ୍ତି। ବର୍ଷ ବର୍ଷ ଧରି ଲାଗିରହିଥିବା ଜବରଦଖଲ ସମସ୍ୟାକୁ ହଟାଇ ଏନ୍‌ଏସି ପ୍ରଶାସନ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ଅଞ୍ଚଳର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ପ୍ରକ୍ରିୟାକୁ ବୁଦ୍ଧିଜୀବୀ ଓ ବ୍ୟବସାୟୀ ମହଲରେ ପ୍ରଶଂସା କରାଯାଇଛି।


Admission Open
UNION PUBLIC SCHOOL
English Medium in C.B.S.E. Pattern
At./P.O.- Buden, Via - Rajborasambar, Dist. - Bargarh - 768036
Regd. No. - 171600164/16
Session 2024-25
Admission Open for
LKG, UKG, Cl.-I to Cl. - VIII
25% Reserved Seat for weaker and disadvantages group
Contact : 9777074075, 9178471108

ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com
Contact: 8895052838 / 8596070800

୧୩/୩/୨୦୨୪ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୨,୫୨,୬୮୩/- | ସୁନା: ୦୪.୭୫୦ ଗ୍ରାମ୍ | ରୁପା: ୧୦.୩୦୦ ଗ୍ରାମ୍







## ସେବକଙ୍କ ସାମଗ୍ରୀକ ବିକାଶ ପାଇଁ ଐତିହାସିକ ପଦକ୍ଷେପ

# ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଲେ

ପୁରୀ, ୧୩।୩(ସମିସ)

ଶ୍ରୀମନ୍ଦିର ସେବାୟତଙ୍କ ପାଇଁ ହାତ ଖୋଲିଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜଣେ ଭଲ ମଣିଷ ସହ ଭଲ ସେବକ ହେବା ପାଇଁ ଯାହା ଆବଶ୍ୟକ ସବୁ ପ୍ରକାର ସହଯୋଗ ଯୋଗାଇଦେଉଛନ୍ତି ରାଜ୍ୟ ସରକାର। ନିକଟରେ ସେବାୟତଙ୍କ କଲ୍ୟାଣ ପାଇଁ ୧୦ କୋଟି ୮୫ ଲକ୍ଷ ଟଙ୍କା ଶ୍ରୀମନ୍ଦିର ପ୍ରଶାସନକୁ ଦିଆଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି ପରିଚାଳନା କମିଟି ସେବାୟତ ପ୍ରତିନିଧି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ସେବାୟତଙ୍କ ପାଇଁ ଯେଉଁ ଅର୍ଥରାଶି ପ୍ରଦାନ କରାଯାଇଛି କେଉଁଭଳି ଭାବେ ସେବାୟତ ଏବଂ ତାଙ୍କ ପରିବାର ସଦସ୍ୟ ଉପକୃତ ହେବେ ସେ ନେଇ ବୁଧବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପରିଚାଳନା କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସମହାପାତ୍ର।



ଶ୍ରୀ ଦାସମହାପାତ୍ର କହିଛନ୍ତି, ସେବକମାନଙ୍କର ସାମଗ୍ରୀକ ବିକାଶ ତଥା ଭଲ ମଣିଷ ଏବଂ ଭଲ ହେବା ପାଇଁ ଯାହା ଦରକାର ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକା ପ୍ରତି ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ବୋଧହୁଏ ସ୍ୱାଧୀନତା ପରେ ଏବଂ ଶ୍ରୀମନ୍ଦିର ଆଇନ ଲାଗୁ ହେବା ପରେ କୌଣସି ସରକାର ସେବାୟତଙ୍କ କଲ୍ୟାଣ ପାଇଁ ଏଭଳି ଐତିହାସିକ ପଦକ୍ଷେପ ନେଇ ନ ଥିଲେ ଯାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଛନ୍ତି। ପରିକ୍ରମା ପ୍ରକଳ୍ପଠାରୁ ଆରମ୍ଭ କରି ସେବକଙ୍କ ବିକାଶ ଏସବୁ ଶ୍ରୀମନ୍ଦିର ଇତିହାସରେ ଉଲ୍ଲେଖନୀୟ ଘଟଣା। ସେବକମାନେ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ମହାପ୍ରଭୁଙ୍କ ସେବା କରିଆସୁଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ୨୦୧୫ ମସିହାରୁ ସେବକଙ୍କ ସ୍ୱାସ୍ଥ୍ୟବୀମା ଯୋଜନା ଆରମ୍ଭ ହୋଇଛି। ଏଥିରେ ୨୫୭୨ ସେବାୟତ ପରିବାରର ୯, ୬୨୦ ଜଣ ପରିବାର ସଦସ୍ୟ ସ୍ୱାସ୍ଥ୍ୟବୀମାରେ ସାମିଲ ହୋଇଛନ୍ତି। ସ୍ୱାସ୍ଥ୍ୟ ବୀମା ରାଶି ୨ଲକ୍ଷରୁ ୫ଲକ୍ଷକୁ ବୃଦ୍ଧି ପାଇଁ ପ୍ରସ୍ତାବ ଦିଆଯାଇଥିବା ବେଳେ ଏହାକୁ ସରକାର ଗ୍ରହଣ କରିଛନ୍ତି। ଏପରିକି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ବୀମାରାଶି ଆହୁରି ୫ ଲକ୍ଷ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଅନେକ ସେବକ ପରିବାର ଔଷଧ କିଣିବା ପାଇଁ ମଧ୍ୟ ସମର୍ଥ ହୋଇନ ଥାନ୍ତି। ତେଣୁ ୧ କୋଟି ଟଙ୍କା ଔଷଧ ପାଇଁ ଏବଂ ୩୦ ଲକ୍ଷ ଟଙ୍କା ଅସ୍ତ୍ରୋପଚାର ଏବଂ ଅନୁକମ୍ପାମୂଳକ ସହାୟତା ପାଇଁ ରଖାଯାଇଛି।

### ■ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ସେବକ ପ୍ରତିନିଧି

ମେଧାବୀ ସେବକ ପିଲାଙ୍କ ଉଚ୍ଚଶିକ୍ଷା ଲାଗି କୋଚିଂ ନିମନ୍ତେ ୩ ଥର ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ବ୍ୟବସ୍ଥା କରାଯାଇଛି। ସେହିପରି ବାର୍ଦ୍ଧକ୍ୟ, ବରିଷ୍ଠ ସେବକ, ବିଧବା, ଦିବ୍ୟାଙ୍ଗ ଓ ନିରାଶ୍ରୟ ଭତ୍ତାକୁ ବୃଦ୍ଧି କରିବା ନେଇ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହାବ୍ୟତୀତ ସେବାୟତମାନଙ୍କର ସାମାଜିକ କାର୍ଯ୍ୟ ଲାଗି ଦିଆଯାଉଥିବା ସହାୟତା ରାଶିରେ ମଧ୍ୟ ବୃଦ୍ଧି କରାଯାଇଛି। ଝିଅ ବିବାହ ପାଇଁ ସହାୟତା ରାଶି ୩୦ ହଜାର ଟଙ୍କାରୁ ୫୦ ହଜାର ଟଙ୍କାକୁ ଏବଂ ଶୁଦ୍ଧିକ୍ରିୟା ଲାଗି ସହାୟତା ରାଶି ୧୦ ହଜାରରୁ ୨୦ ହଜାର ଟଙ୍କାକୁ, ବ୍ରତ ଲାଗି ସହାୟତା ରାଶି ୧୦ ହଜାରରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ସହାୟତା ରାଶି ଆଗାମୀ ଆର୍ଥିକ ବର୍ଷରୁ ଲାଗୁ କରାଯିବ। ସେହିପରି ୨୦୨୩ ଡିସେମ୍ବର ସୁଦ୍ଧା ବିଭିନ୍ନ ଶ୍ରେଣୀର ୫୨୦ ଜଣ ବିଦ୍ୟାର୍ଥୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଇଛି। କ୍ୟାରିୟର କାଉନସେଲିଂ ପାଇଁ ଆଗାମୀ ଦିନରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଆଧାର କାର୍ଡ ଓ ଭୋଟର ପରିଚୟପତ୍ର ସଂଶୋଧନ ପାଇଁ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହେବ।

ସେବକ ଆବାସ ଯୋଜନାରେ ସେବାୟତଙ୍କୁ ଘର ଯୋଗାଇ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ନିଜସ୍ୱ ଘର ନ ଥିବାରୁ ଭଡ଼ା ଘରେ ରହୁଥିବା ସେବାୟତ ଏବଂ ଖୁବ୍ କମ୍ ଜାଗାରେ ଘର କରି ଏକକାଳୀନ ବହୁ ସଦସ୍ୟ ରହୁଥିବା ପରିବାର ଏହି ଆବାସ ଜରିଆରେ ଉପକୃତ ହେବେ। ସେହିଭଳି ସେବାୟତ ପିଲା କିପରି ଉଚ୍ଚଶିକ୍ଷାରେ ପାରଦର୍ଶିତା ଲାଭ କରିବେ ତାକୁ ନଜରରେ ରଖି ଆଦର୍ଶ ଗୁରୁକୂଳ ତିଆରି କରାଯିବ। ତେବେ ସେବାୟତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏଭଳି ଏକ ପଦକ୍ଷେପ ନେଇଥିବାରୁ ଖୁବ୍‌ଶୀଘ୍ର ଏକ ସେବକ ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇବେ ବୋଲି କହିଛନ୍ତି ଶ୍ରୀ ଦାସମହାପାତ୍ର। ଏହି ସାମ୍ବାଦିକ ସମ୍ମିଳନୀରେ ପରିଚାଳନା କମିଟି ସେବାୟତ ପ୍ରତିନିଧି ମାଧବ ଚନ୍ଦ୍ର ପୂଜାପଣ୍ଡା, ମାଧବ ମହାପାତ୍ର, ଜଗନ୍ନାଥ କର ଓ ଅନନ୍ତ ତିଆଡ଼ି ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ।

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ, ୧୩।୩(ସମିସ)

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୪ଟା ୪୦ରେ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ୫ଟା ୨୦ରେ ମଇଲମ ହୋଇ ୫ଟା ୫୫ରେ ପହୁଡ଼ ଆଳତି କରାଯାଇଥିଲା। ଏହାପରେ ସନ୍ଧ୍ୟା ୬ଟା ୧୫ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ପାଳି ଖଟିବାକୁ ନେଇ ୨ ସେବାୟତ ହାତାହାତି

● ପ୍ରତିପକ୍ଷ ଅଭିଯୋଗରେ ୨ ମାମଲା ରୁଜୁ

ପୁରୀ, ୧୩।୩(ସମିସ): ଶ୍ରୀମନ୍ଦିର ଭିତରେ ଦୁଇ ସେବାୟତଙ୍କ ମଧ୍ୟରେ ମାରପିଟ୍ ହୋଇଛି। ପାଳି ଖଟିବାକୁ ନେଇ ବିମଳାଙ୍କ ମନ୍ଦିର ନିକଟରେ ହାତାହାତି ହୋଇଛନ୍ତି ଦୁଇ ସେବାୟତ। ଏଥିରେ ଦୁଇଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶ୍ୟାମସୁନ୍ଦର ପଣ୍ଡାଙ୍କ ଆଖି ଓ ଛାତିରେ ଆଘାତ ଲାଗିଛି। ପାଳି ଖଟିବାକୁ ନେଇ ଶ୍ୟାମସୁନ୍ଦର ଏବଂ ନରସିଂହ ପଣ୍ଡାଙ୍କ ମଧ୍ୟରେ ପ୍ରଥମେ ଉଭୟଙ୍କ ଯୁକ୍ତିତର୍କ ହୋଇଥିଲା। କ୍ରମଶଃ ଏହି ଯୁକ୍ତିତର୍କ ବଢ଼ିବାରୁ ଉଭୟେ ହାତାହାତି ହୋଇଥିଲେ। ପରସ୍ପରକୁ ଆକ୍ରମଣ କରିଥିଲେ। ଫଳରେ ଦୁହେଁ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ସିଂହଦ୍ୱାର ଥାନା ଏବଂ ପରେ ସଦର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟେ ସିଂହଦ୍ୱାର ଥାନାରେ ପରସ୍ପର ବିରୋଧରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ସିଂହଦ୍ୱାର ଆଇଆଇସି ଶ୍ୱେତପଦ୍ମା ଦାଶ କହିଛନ୍ତି, ପାଳି ଖଟିବାକୁ କେନ୍ଦ୍ରକରି ଦୁଇ ସେବାୟତ ଶ୍ୟାମସୁନ୍ଦର ପଣ୍ଡା ଏବଂ ନରସିଂହ ପଣ୍ଡାଙ୍କ ମଧ୍ୟରେ ଯୁକ୍ତିତର୍କ ଏବଂ ହାତାହାତି ହୋଇଥିଲେ। ଏଥିରେ ଉଭୟେ ଆହତ ହୋଇଛନ୍ତି। ହସ୍ପିଟାଲରେ ଦୁଇଜଣ ଚିକିତ୍ସିତ ହୋଇ ଫେରିବା ପରେ ପରସ୍ପର ବିରୋଧରେ ଅଭିଯୋଗ କରିଛନ୍ତି। ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ଦୁଇଟି ପୃଥକ୍ ପୃଥକ୍ ମାମଲା (ନଂ.୨୭/୨୪ ଓ ୨୮/୨୪) ରୁଜୁ କରାଯାଇଛି। ଉଭୟଙ୍କୁ ୪୧ରେ ନୋଟିସ୍ ଦିଆଯାଇ ଛଡ଼ାଯାଇଛି। ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି କହିଛନ୍ତି ଆଇଆଇସି।

ତେବେ ଶ୍ରୀମନ୍ଦିର ଭିତରେ ଦୁଇ ସେବାୟତ ହାତାହାତି ହେବା ଘଟଣା ଏକ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି। ହଜାର ହଜାର ଭକ୍ତଙ୍କ ଆଗରେ ପାଟିତୁଣ୍ଡ ଏବଂ ପରସ୍ପରକୁ ଆକ୍ରମଣ କରିବା ଘଟଣାକୁ ସମସ୍ତେ ନିନ୍ଦା କରିଛନ୍ତି। ସେବାୟତ ଠାକୁରଙ୍କ ସେବାପୂଜା କିପରି ନିର୍ଘଣ୍ଟ ସମୟରେ ହେବ ଏବଂ ଭକ୍ତମାନେ କିପରି ଭଲ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରି ଭଲ ଅନୁଭୂତି ନେଇ ଫେରିବେ ସେ ଦିଗରେ ଗୁରୁତ୍ୱ ଦେବା ଅପେକ୍ଷା ନିଜ ନିଜ ଭିତରେ ମାରପିଟ୍‌କୁ ନେଇ ନିନ୍ଦା କରିଛନ୍ତି ଭକ୍ତ ସୁବୋଧ ମହାନ୍ତି। ମନ୍ଦିର ପ୍ରଶାସନ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର ବୋଲି କହିଛନ୍ତି ସୁବୋଧ।

## ପୁଲିସର ରଥଯାତ୍ରା ପ୍ରସ୍ତୁତି ବୈଠକ

● ପରିଚାଳନାର ପ୍ରଥମ ଅନୁଭୂତି ପୂର୍ବରୁ ବୁଝିଲେ ଏସ୍‌ପି





ପୁରୀ, ୧୩।୩(ସମିସ): ଆସନ୍ତା ଜୁଲାଇ ୭ ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଘୋଷଯାତ୍ରାକୁ ଆଉ ୪ ମାସରୁ କମ୍ ସମୟ ରହିଲା। ତେବେ ଏହାକୁ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଯିବ ସେଥିଲାଗି ପୁରୀ ପୁଲିସ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ବୁଧବାର ପୁଲିସ ମୁଖ୍ୟାଳୟରେ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ବୈଠକ କରିଛନ୍ତି ଏସ୍‌ପି ପିନାକ ମିଶ୍ର। ଏଥର ରଥଯାତ୍ରା ପରିଚାଳନା ଯେହେତୁ ତାଙ୍କ ପାଇଁ ପ୍ରଥମ ଅନୁଭୂତି ହେବ ତେଣୁ ଆଗୁଆ ପୁଲିସର ଭୂମିକା ଏବଂ ବ୍ୟବସ୍ଥା ସମ୍ପର୍କରେ ଅନ୍ୟ ଅଧିକାରୀଙ୍କଠାରୁ ବୁଝିଛନ୍ତି ଏସ୍‌ପି। କେବଳ ଏସ୍‌ପିଙ୍କ ପାଇଁ ନୁହେଁ, ଅଧିକାଂଶ ଅଫିସର ମଧ୍ୟ ପ୍ରଥମଥର ରଥଯାତ୍ରା ପରିଚାଳନା କରିବେ। ତେଣୁ ଶୃଙ୍ଖଳିତ ଭାବେ କିପରି ସମ୍ପନ୍ନ କରାଯିବ ତା' ଉପରେ ହୋଇଛି ଆଲୋଚନା। ପୁରୀ ଜିଲ୍ଲାପାଳଙ୍କ ପାଇଁ ବି ରଥଯାତ୍ରା ପ୍ରଥମ ଅନୁଭୂତି ହେବ। କେବଳ ଜିଲ୍ଲାପାଳ କିମ୍ବା ଏସ୍‌ପି ନୁହଁନ୍ତି ନିର୍ବାଚନ ଆସୁଥିବାରୁ ୩ ବର୍ଷ ଅତିକ୍ରାନ୍ତ କରିଥିବା ଅଧିକାଂଶ ଅଧିକାରୀଙ୍କ ଜିଲ୍ଲା ପାର୍ ବଦଳି ହୋଇଯାଇଛି। ତେଣୁ ଶାନ୍ତି ଶୃଙ୍ଖଳା ପୁଲିସର ଦାୟିତ୍ୱ ହୋଇଥିବାରୁ ପୁରୀ ପୁଲିସ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଛି। ବୁଧବାର ବୈଠକରେ ଏସ୍‌ପି ପୁରୁଣା ଅଧିକାରୀଙ୍କଠାରୁ ରଥଯାତ୍ରା ପରିଚାଳନା ସମ୍ପର୍କରେ ଶୁଣିଥିଲେ। ପୁଲିସର ଭୂମିକା, ତ୍ରୁଟି କ'ଣ ରୁହେ, ଏହାକୁ କିପରି ସଂଶୋଧନ କରାଯିବ ଏବଂ ବିଭିନ୍ନ ଅଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ଏତଦ୍‌ବ୍ୟତୀତ ଟ୍ରାଫିକ ନିୟନ୍ତ୍ରଣ, ଶୃଙ୍ଖଳା ରକ୍ଷା ଏ ସବୁ ଦିଗରେ ତର୍ଜମା କରାଯାଇଛି। ଏହି ବୈଠକରେ ପୁଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ରଞ୍ଜନ ଷଡ଼ଙ୍ଗୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ



ପୁରୀ, ୧୩।୩(ସମିସ): ସ୍ଥାନୀୟ ପୁରୀ ପୁଲିସ ପଡ଼ିଆରେ ବୁଧବାର ସପ୍ତମ ରଞ୍ଜନ ଷଡ଼ଙ୍ଗୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ନୀଳାଚଳ ବନାମ ଜଗନ୍ନାଥ ଟିମ୍ ମଧ୍ୟରେ ହୋଇଥିଲା। ନୀଳାଚଳ ପ୍ରଥମେ ବ୍ୟାଟିଂ କରି ୭୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଜଗନ୍ନାଥ ଟିମ୍ ୬ ଓଭରରେ ୭୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବବ୍ରତ ଚକ୍ର, ସୁଶୀଲ ମିଶ୍ର ଓ ବିଷ୍ଣୁ ପତି, ଶ୍ରୀମନ୍ଦିର ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ, ମନ୍ଦିର ଆଡିସନାଲ କମାଣ୍ଡାଣ୍ଟ ଜିତେନ୍ଦ୍ର କୁମାର ଦେହୁରୀ, ରିଜର୍ଭ ଇନ୍‌ସପେକ୍ଟର ଚିତ୍ତରଞ୍ଜନ ମହାନ୍ତି, ପୁଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ଉପସଭାପତି ସନ୍ତୋଷ ସାହୁ, ସାଧାରଣ ସମ୍ପାଦକ ସୂର୍ଯ୍ୟପ୍ରତାପ ଜେନା, କୋଷାଧ୍ୟକ୍ଷ ଦିଲୀପ ଭୋଇ ଯୋଗଦେଇଥିଲେ। ଏହି ଖେଳ ପରିଚାଳନାରେ ରଞ୍ଜନ ପଲେଇ, ରଘୁନାଥ ସେଠୀ, ସତ୍ୟବାନ ସ୍ୱାଇଁ, ଜିତେନ୍ଦ୍ର ସ୍ୱାଇଁ, ଶୁଭଜିତ ବରାଳ, ଅଂଶୁମାନ ପ୍ରଧାନ, ଦୀପକ ପ୍ରଧାନ ସହଯୋଗ କରିଥିଲେ।

## ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

ପୁରୀ, ୧୩।୩(ସମିସ)



ମହାପ୍ରଭୁଙ୍କର ବେଣ୍ଟ (ଶିକାର) ନୀତି ସମ୍ପନ୍ନ ହୋଇଛି। ପ୍ରଭୁ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମଙ୍ଗଳବାର ସୁସଜ୍ଜିତ ବିମାନରେ ଶ୍ରୀମନ୍ଦିରରୁ ବାହାରି ଶ୍ରୀଜଗନ୍ନାଥ ବଲ୍ଲଭରେ ପହଞ୍ଚିଥିଲେ। ସେଠାରେ ମହାଜନ ସେବକ ଦେବଦେବୀଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦାପନା ପରେ ଶ୍ରୀଦେବୀ, ଭୂଦେବୀ ଓ ଦୋଳଗୋବିନ୍ଦ ମହାଜନଙ୍କ ହସ୍ତରେ ବେଣ୍ଟ ପୋଖରୀ କୂଳକୁ ବିଜେ ହୋଇଥିଲେ। ଭିତରଚ୍ଛ ତୀର କମାଣ ଶ୍ରୀଅଙ୍ଗରେ ଲାଗି ଦେବା ପରେ ଦଳବେହେରା (ଲେଙ୍କା) ସେବକ ପଇଡ଼ରେ ବେଣ୍ଟ ବିନ୍ଧିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ଼ ମଧ୍ୟରୁ ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳାର ପରିପ୍ରକାଶ।

## ମରଣାନ୍ତକ ଆକ୍ରମଣ; ୨ ଗିରଫ

ପୁରୀ, ୧୩।୩(ସମିସ): ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଭିଆଇପି ରୋଡ୍‌ର ଟୁକୁନା ନାୟକ ଏବଂ ବାଲିସାହି ହରିଜନ ବସ୍ତିର ଚନ୍ଦନ ନାୟକ। ସେମାନଙ୍କଠାରୁ ଗୋଟିଏ ଛୁରି ଜବତ କରାଯାଇଥିବା ବେଳେ ବୁଧବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ୧୧ ତାରିଖ ରାତିରେ ଅଭିଯୁକ୍ତ ଦ୍ୱୟ ୨ ଜଣଙ୍କୁ ଖରାପ ଭାଷାରେ ଗାଳିମନ୍ଦ କରିବା ସହ ମାଡ଼ ମାରିଥିଲେ। ଏପରିକି ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଭିଆଇପି ରୋଡର ବର୍ଷାରାଣୀ ବେହେରା ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୬୨/୨୪) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## କବିତା ପୁସ୍ତକ 'ବଣମଲ୍ଲୀ' ଲୋକାର୍ପିତ

ପୁରୀ, ୧୩।୩(ସମିସ): ବନଫୁଲ ପ୍ରକାଶନୀ ପକ୍ଷରୁ ପ୍ରକାଶିତ ସୁଲେଖିକା ଜ୍ୟୋତିର୍ମୟୀ ପରିଡ଼ାଙ୍କ କବିତା ସଂକଳନ 'ବଣମଲ୍ଲୀ'ର ଲୋକାର୍ପଣ ଉତ୍ସବ ଭୁବନେଶ୍ୱର ରେଡ୍‌କ୍ରସ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାଡେମୀ ପୁରସ୍କାରପ୍ରାପ୍ତ ସୁନାମଧନ୍ୟ କବି ଡ. ଶତ୍ରୁଘ୍ନ ପାଣ୍ଡବ ମୁଖ୍ୟଅତିଥି, ବିଶିଷ୍ଟ କବି ଓ ସମାଲୋଚକ ଡ. ଦିଲୀପ କୁମାର ସ୍ୱାଇଁ ମୁଖ୍ୟବକ୍ତା, ଶିକ୍ଷା ବିଭାଗ ଉପସଚିବ ଡ. ରମେଶ ଚନ୍ଦ୍ର ବେହେରା, ରେଭେନ୍ସା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ପ୍ରଫେସର ଡ. ଭାଗବତ ବେହେରା ଏବଂ ଅଧ୍ୟାପକ ଓ କବି ସୁଶାନ୍ତ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପୁସ୍ତକକୁ ଉନ୍ମୋଚନ କରି ଅତିଥିମାନେ ସମକାଳୀନ ଓଡ଼ିଆ କବିତାର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରି ନାରୀ ଜୀବନର ବାସ୍ତବତା ଓ ଅନ୍ତର୍ନିହିତ ସ୍ୱପ୍ନ ରାଜ୍ୟର ସୌନ୍ଦର୍ଯ୍ୟ କିପରି ବଣମଲ୍ଲୀ ପରି ଝରିପଡୁଛି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଶୁଭ୍ରାଂଶୁ ବେହେରା, ବିଧୁଭୂଷଣ ପାଣିଗ୍ରାହୀ, ଡ. ପଦ୍ମଲୋଚନ ରାଉତ, ଗାଳ୍ପିକ ସୁଶୀଳ କୁମାର ନନ୍ଦ ପ୍ରମୁଖ ପୁସ୍ତକ ସମ୍ପର୍କରେ ମତ ରଖିଥିଲେ। 'ଅଭିନନ୍ଦନିକା'ର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। କବି ଜ୍ୟୋତିର୍ମୟୀ ଲେଖକୀୟ ବକ୍ତବ୍ୟ, ପ୍ରକାଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ଡକ୍ଟର ଜୟନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀରେ ଖୋଲିଲା ହୋମ୍ ଷ୍ଟେ

● ଦକ୍ଷ ମାନବ ସମ୍ବଳ ଯୋଗାଇଦେବ ଓଏସ୍‌ଡିଏ

ପୁରୀ, ୧୩।୩(ସମିସ)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ସହଯୋଗିତାରେ ଓୟୋ ରୁମ୍ସ ପକ୍ଷରୁ ରାଜ୍ୟରେ ପ୍ରଥମ 'ହୋମ୍ ଷ୍ଟେ' ହୋଟେଲ ସେବା ଆରମ୍ଭ ହୋଇଛି। ଐତିହ୍ୟ ସହର ପୁରୀରେ ଏହି ସେବାକୁ କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଛନ୍ତି। ପୁରୀ ସହରର ସାରଦା ଦେବୀ ରୋଡ୍‌ରେ ଓୟୋ ସୁଶୀଳା ନିବାସରେ 'ହୋମ୍ ଷ୍ଟେ' ସେବା ଖୋଲିଛି। ପୁରୀକୁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ସୁବିଧାରେ ରହିପାରିବେ। ଆଗାମୀ ଦିନରେ ଓୟୋ ପକ୍ଷରୁ ପୁରୀ, କୋଣାର୍କ ଭଳି ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳରେ ୫୦ଟି ହୋମ୍ ଷ୍ଟେ ସେବା ଖୋଲିବାକୁ ଯାଉଛି। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ ଓଡ଼ିଶା ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଏସ୍‌ଡିଏ ଏବଂ ଓୟୋ ଭିତରେ ଏକ ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ବୁଝାମଣା ଅନୁଯାୟୀ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ବିଭିନ୍ନ 'ହୋମ୍ ଷ୍ଟେ' ପାଇଁ ଦକ୍ଷ ମାନବ ସମ୍ବଳ ଯୋଗାଇ ଦେବ। ପୁରୀ ହେଉଛି ଶ୍ରୀ ଜଗନ୍ନାଥଙ୍କ ଧାମ। ଏଠାରେ ପ୍ରତିଦିନ ବହୁ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଓଏସ୍‌ଡିଏ ସହଯୋଗକ୍ରମେ ଓୟୋ ପକ୍ଷରୁ ଆରମ୍ଭ ହୋଇଥିବା ଏହି ହୋମ୍ ଷ୍ଟେ ସେବା ପର୍ଯ୍ୟଟକମାନଙ୍କ ପାଇଁ ବିଶେଷ ସୁବିଧାଜନକ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଲାଗି ଯେଉଁ କାର୍ଯ୍ୟକ୍ରମ କରାଯାଉଛି ସେଥିରେ ତାଲିମପ୍ରାପ୍ତ ଯୁବକ ଯୁବତୀମାନେ ଏହି 'ହୋମ୍ ଷ୍ଟେ'ରେ ନିଯୁକ୍ତି ପାଇପାରିବେ। ଏହା ସ୍ଥାନୀୟ ଲୋକଙ୍କ ପାଇଁ ମଧ୍ୟ ଜୀବିକାର ମାଧ୍ୟମ ହେବ। ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, 'ଶ୍ରୀକ୍ଷେତ୍ର ପୁରୀରେ ଶୁଭାରମ୍ଭ ହୋଇଥିବା ଓୟୋର ଏହି ହୋମ୍ ଷ୍ଟେ' ସେବା ବେଶ୍ ସଫଳ ହେବ ବୋଲି ମୁଁ ଆଶା କରୁଛି। ଏହା ସମସ୍ତଙ୍କ ପାଇଁ ଲାଭଜନକ ହେବା ସହ ଓଡ଼ିଶାରେ ତାଲିମପ୍ରାପ୍ତ ଯୁବକ ଯୁବତୀଙ୍କ ଲାଗି ନିଯୁକ୍ତିର ବିଶେଷ ସମ୍ଭାବନା ହୋଇପାରିବ। ପ୍ରଥମ ହୋମ୍ ଷ୍ଟେ ଲାଗି ଆଗେଇ ଆସିଥିବା ସୁଶୀଳା ନିବାସର ମାଲିକ ଓ ତାଙ୍କ ପରିବାରକୁ ମୁଁ ଅଭିନନ୍ଦନ ଜଣାଉଛି କହିଛନ୍ତି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷା ଅଳକା ମିଶ୍ର। ପର୍ଯ୍ୟଟକମାନେ ଗୋଟିଏ ନୂତନ ସ୍ଥାନକୁ ଗଲେ ସାଧାରଣତଃ ହୋଟେଲରେ ରୁମ୍ ନେଇ ରହିଥାନ୍ତି। କିନ୍ତୁ ହୋମ୍ ଷ୍ଟେ ହେଉଛି ଏକ ଆଧୁନିକ ହୋଟେଲ ସେବା, ଯେଉଁଠି ଜଣେ ଗ୍ରାହକ କିଛିଦିନ ପାଇଁ ଗୋଟିଏ ସମ୍ପୂର୍ଣ୍ଣ ଘରକୁ ଭଡ଼ାରେ ନେଇ ରହିପାରିବେ। ସେଠାରେ ନିଜ ଘର ଭଳି ଆସବାବ, ରୋଷେଇ ଉପକରଣ ଏବଂ ସମସ୍ତ ପ୍ରକାର ବ୍ୟବହାର୍ଯ୍ୟ ଜିନିଷ ପ୍ରସ୍ତୁତ ହୋଇ ରହିଥାଏ। ଆଜିର ଦିନରେ ଅନେକ ପର୍ଯ୍ୟଟକ ପରିବାରଙ୍କ ସହ ହୋଟେଲରେ ନ ରହି ଏଭଳି ହୋମ୍ ଷ୍ଟେ ସେବାକୁ ପସନ୍ଦ କରୁଛନ୍ତି। ତେଣୁ ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥାନରେ ଓୟୋ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୫୦ଟି ହୋମ୍ ଷ୍ଟେ ଆରମ୍ଭ କରିବାକୁ ଯୋଜନା ରହିଛି ବୋଲି କମ୍ପାନୀର ଷ୍ଟ୍ରାଟେଜିକ୍ ଆଲିଆନ୍ସ ମୁଖ୍ୟ ନୀତିନ ଠାକୁର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ଓୟୋର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ସୁଶୀଳା ନିବାସର ମାଲିକ ଓ ପରିବାରବର୍ଗ ଉପସ୍ଥିତ ଥିଲେ।



● ଭାପୁରରେ ମଜଭୁତ ହେଉଛି ବିଜେଡି

## ୧୩୨ ସାଙ୍ଗଠନିକ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା




**ଭାପୁର,୧୩।୩(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜୁ ଜନତା ଦଳର ୧୩୨ ଜଣ ସାଙ୍ଗଠନିକ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ କାର୍ଯ୍ୟକାରୀ ସଭାପତି ବେଣୁଧର ପ୍ରଧାନ ଓ ସଭାପତି ଶିବପ୍ରସାଦ ଷଡ଼ଙ୍ଗୀଙ୍କ ଉଦ୍ୟମରେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଭାପୁର ବ୍ଲକର ସାଙ୍ଗଠନିକ କମିଟିଗୁଡ଼ିକ ପୁନର୍ଗଠିତ ହୋଇଛି। ଏହି କମିଟି ମଧ୍ୟରେ ୧୦ ଜଣ ବରିଷ୍ଠ ଉପଦେଷ୍ଟା, ବ୍ଲକର ୨୦ ପଞ୍ଚାୟତ ସଭାପତି, ୧୫ ଜଣ ଉପସଭାପତି, ୨୪ ଜଣ ସାଧାରଣ ସମ୍ପାଦକ, ୪୭ ଜଣ ଯୁଗ୍ମ ସମ୍ପାଦକ, ୧୬ ଜଣ ସାମାଜିକ ଗଣମାଧ୍ୟମ ସମ୍ପାଦକଙ୍କୁ ମିଶାଇ ଏକ ୧୩୨ ଜଣିଆ କମିଟିକୁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏମାନଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ଭାପୁର ବାଇପାସ୍ ହନୁମାନ ମନ୍ଦିର କଲ୍ୟାଣମଣ୍ଡପଠାରେ ବ୍ଲକ ସଭାପତି ଶିବପ୍ରସାଦ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବ୍ଲକ କାର୍ଯ୍ୟକାରୀ ସଭାପତି ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ତଥା ବ୍ଲକ ଉପସଭାପତି ଧର୍ମେନ୍ଦ୍ର କୁମାର ଧଳ, ଉପଦେଷ୍ଟା ସନ୍ତୋଷ କୁମାର ତ୍ରିପାଠୀ, ମଧୁସୂଦନ ରଥ, ଗଣନାଥ ଦାଶ ଓ ନିର୍ଦ୍ଦେଶକ ଭାପୁର ବ୍ଲକ ସେବା ସମବାୟ ସମିତି ତଥା ଉପଦେଷ୍ଟା ପ୍ରଦୀପ କୁମାର ବେହେରା ଓ ସାମ୍ବାଦିକ ତଥା ସାଧାରଣ ସମ୍ପାଦକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ ମଞ୍ଚାସୀନ ରହି ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କମିଟିରେ ଶିକ୍ଷକ, ଅଧ୍ୟାପକ, ସାମ୍ବାଦିକ, ଓକିଲ ଓ ବୁଦ୍ଧିଜୀବୀଙ୍କ ସହ, ରାଜନୈତିକ ବ୍ୟକ୍ତି ଓ ଯୁବକମାନେ ସାମିଲ ହୋଇଛନ୍ତି। ସାମ୍ବାଦିକ ଜନ୍ମେଜୟ ଦଳେଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ କମିଟିରେ ସ୍ଥାନ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ସାମ୍ବାଦିକ ଭରତ କୁମାର ବେହେରା, ଗୀତିକାନ୍ତ ପଣ୍ଡା, ସନାତନ ଷଡ଼ଙ୍ଗୀ, ପ୍ରଭାତ କୁମାର ବରାଡ, ପ୍ରଭାତ କୁମାର ପଟ୍ଟନାୟକ, ମନୋଜ କିଶୋର ସାହୁ, ସରପଞ୍ଚ ସୁଧାଂଶୁ ଶେଖର ସ୍ୱାଇଁ, ରମେଶ ପ୍ରଶାଦ ରାଉତ, ଅଜୟ କୁମାର ମଲ୍ଲିକ, ସୌମ୍ୟରଞ୍ଜନ ସାହୁ, ସରପଞ୍ଚ ପ୍ରତିନିଧି ଦେବୀପ୍ରସାଦ ଦାଶ, ଅନୀଲ କୁମାର ବୈରିଗଞ୍ଜନ, ପ୍ରମୋଦ କୁମାର ଚୌଧୁରୀ, ନବକିଶୋର ସାହୁ, ପ୍ରମୋଦ କୁମାର ସାହୁ, ସମିତି ସଭ୍ୟ ତପନ କୁମାର ମହାପାତ୍ର, କାହ୍ନୁ ଚରଣ ପ୍ରଧାନ, ଦେବାର୍ଚ୍ଚନ ଡାଲୁଆ, ହରିହର ଛୁଆଳସିଂହ, ସମିତି ପ୍ରତିନିଧି ଅଖିଳ କୁମାର ସୀଠ, ବିଜୟ କୁମାର ପଟ୍ଟନାୟକ, ଦୁର୍ଯ୍ୟୋଧନ ସାହୁ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଦାଶ, ଅଭିଜିତ ପଟ୍ଟନାୟକ ଓ ଅଜିତ କୁମାର ପାଇକରାୟଙ୍କ ସହ ସମସ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ସମସ୍ତ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଓ ଦଳକୁ ଅଧିକ ମଜଭୁତ କରିବା ପାଇଁ କାର୍ଯ୍ୟ କରିବାକୁ ଘୋଷଣା କରିଥିଲେ।

## ପୋଷ୍ଟାଲ ବାଲଟ୍‌ରେ ଭୋଟଦେବେ ଭିନ୍ନକ୍ଷମ

**ଓଡ଼ଗାଁ,୧୩।୩(ସମିସ):** ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ମତଦାତା ଏବଂ ଶତକଡ଼ା ୪୦ ଭାଗରୁ ଅଧିକ ଭିନ୍ନକ୍ଷମମାନେ ଦ୍ୱାରଦେଶରେ ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। କୌଣସି ମତଦାତା ଶାରୀରିକ ଅସୁସ୍ଥତା ହେଉ ଅଥବା ଭିନ୍ନକ୍ଷମ ଯୋଗୁଁ ମତଦାନରୁ ବଞ୍ଚିତ ନହେବା ପାଇଁ ପ୍ରଥମ କରି ନିର୍ବାଚନ କମିଶନର ଏହି ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଏ ନେଇ ଓଡ଼ଗାଁ ବ୍ଲକ ସଭାଗୃହରେ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଜିତେନ୍ଦ୍ର କୁମାର ନାୟକ, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଅତିରିକ୍ତ ବିଡିଓ କବିତା କୁମାରୀ ପ୍ରଧାନ, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ଅଧିକାରୀ ସୁରେନ୍ଦ୍ରନାଥ ମିଶ୍ର ଉପସ୍ଥିତ ରହି ବୁଥ୍ ଲେବୁଲ ଅଧିକାରୀ (ବିଏଲଓ), ସୁପରଭାଇଜର (ବିଏଲଓ) ଏବଂ ସେକ୍ଟର ଅଫିସରମାନେ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ। ନିର୍ବାଚନ ବିଜ୍ଞପ୍ତି ଜାରି ହେବାର ୫ ଦିନ ମଧ୍ୟରେ ବିଏଲଓମାନେ ୮୫ ବର୍ଷରୁ ଊର୍ଦ୍ଧ୍ୱର୍ ମତଦାତା କିମ୍ବା ଭିନ୍ନକ୍ଷମ ମତଦାତାଙ୍କ ଘରକୁ ଯାଇ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ଭୋଟ ଦେବା ସମ୍ପର୍କରେ ଅବଗତ କରାଇବେ। ମତଦାନ ପୂର୍ବରୁ ନିର୍ଦ୍ଧାରିତ ସମୟରେ ପୁଲିଂ ପାର୍ଟି ବୁଥ ଲେବୁଲ ଅଧିକାରୀଙ୍କ ଦ୍ୱାରା ଚିହ୍ନିତ ହୋଇଥିବା ବୃଦ୍ଧ, ବୃଦ୍ଧା ଏବଂ ଭିନ୍ନକ୍ଷମ ମତଦାତାଙ୍କର ପୋଷ୍ଟାଲ ବାଲଟ୍ ପେପର ମାଧ୍ୟମରେ ଭୋଟ ଦେବାର ବ୍ୟବସ୍ଥା କରିବେ ବୋଲି ଆଲୋଚନା ହୋଇଥିଲା।

କଣ୍ଟିଲୋ ପରେ ଶରଣକୁଳକୁ ଏନ୍ଏସି ମାନ୍ୟତା

# ବଦଳିବ ପର୍ଯ୍ୟଟନ ଭିତ୍ତିଭୂମି; ମିଳିବ ସହର ସୁବିଧା

**ନୟାଗଡ଼,୧୩।୩(ସମିସ)**

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋକୁ ଏନ୍ଏସି ମାନ୍ୟତା ପରେ ଆଜି ରାଜ୍ୟ ସରକାର ଓଡ଼ଗାଁ ବ୍ଲକ ଶରଣକୁଳକୁ ଏନ୍ଏସି ମାନ୍ୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଶରଣକୁଳ ଲଡୁବାବାଙ୍କ କ୍ଷେତ୍ର ଭାବେ ରାଜ୍ୟ ତଥା ଦେଶରେ ପରିଚିତ। ପର୍ଯ୍ୟଟନ ଦୃଷ୍ଟିରୁ ଶରଣକୁଳ ଗୁରୁତ୍ୱ ବହନ କରୁଥିବା ବେଳେ ଏନ୍ଏସି ମାନ୍ୟତା ଦ୍ୱାରା ଏହି ଅଞ୍ଚଳବାସୀ ସହର ସୁବିଧା ପାଇ ପାରିବେ ବୋଲି ଆଶା କରାଯାଉଛି। ଦୀର୍ଘଦିନ ଧରି ଏନେଇ ଦାବି ହୋଇ ଆସୁଥିଲା। ଶରଣକୁଳରେ ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମହାବିଦ୍ୟାଳୟ, ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଜଳସେଚନ ବିଭାଗ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଅନେକ ଆବଶ୍ୟକୀୟ ସରକାରୀ କାର୍ଯ୍ୟାଳୟ ରହିଥିବା ବେଳେ ଏହି ଅଞ୍ଚଳ ଶରଣକୁଳ ପଞ୍ଚାୟତ ଅଧୀନରେ ରହିଥିଲା। ଭିତ୍ତିଭୂମି ଥାଇ ଏହାକୁ ଏନ୍ଏସି ମାନ୍ୟତା ପ୍ରଦାନ କରାଯାଉନଥିବାରୁ ଦୀର୍ଘଦିନରୁ ଅସନ୍ତୋଷ କୁହୁଳୁଥିବା ବେଳେ ଆଜି ରାଜ୍ୟ ସରକାରଙ୍କ ଘୋଷଣା ପରେ ବିଭିନ୍ନ ମହଲରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି। ଶରଣକୁଳ ରଣପୁର ନିର୍ବାଚନ ମଣ୍ଡଳୀ ମଧ୍ୟରେ ରହିଛି। ରଣପୁର ନିର୍ବାଚନ ମଣ୍ଡଳୀରେ ଶରଣକୁଳ ଦ୍ୱିତୀୟ ଏନ୍ଏସି ଭାବେ ମାନ୍ୟତା ପାଇଛି। ପୂର୍ବରୁ ରଣପୁର ଏନ୍ଏସି ଭାବେ ସେବା ଯୋଗାଉଥିବା ବେଳେ ଶରଣକୁଳ ଏନ୍ଏସି ଘୋଷଣା ଲୋକଙ୍କ ମଧ୍ୟରେ ଉକ୍ରଣ୍ଠା ସୃଷ୍ଟି କରିଛି। ଏହା ଦ୍ୱାରା ପରିମଳ, ପାନୀୟ ଜଳ, ଆଲୋକୀକରଣ ପ୍ରଭୃତି ଅନେକ ସୁବିଧା ମିଳିପାରିବ ବୋଲି ଆଶା କରାଯାଉଛି। ଏଠାରେ ପ୍ରକାଶ ଯୋଗ୍ୟ, ଲଡୁବାବାଙ୍କ ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ '୫-ଟି' ରୂପାନ୍ତରଣ ଯୋଜନାରେ ୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହା ଦ୍ୱାରା ଲଡୁବାବାଙ୍କ ପୀଠ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି।





## ବିଜେଡିରେ ମିଶିଲେ ୧୦ ପରିବାର

**ଓଡ଼ଗାଁ,୧୩।୩(ସମିସ):** ସାଧାରଣ ନିର୍ବାଚନ ପୂର୍ବରୁ ବୁଧବାର ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଓଡ଼ଗାଁ ଗସ୍ତ ବେଳେ ଭାଡ଼ିକିଳା ପଞ୍ଚାୟତ ଭାଡ଼ିକିଳା ଗ୍ରାମର ପରିଚାଳନା କମିଟି ସଭାପତି, ସମ୍ପାଦକଙ୍କ ସମେତ ୬ ପରିବାର ବିଜେଡିରେ ଯୋଗ ଦେଇଛନ୍ତି। ଅନୁରୂପ ଭାବେ ଗିରିଡ଼ିପଲ୍ଲୀ ପଞ୍ଚାୟତ ଧଖୋଲା ଗ୍ରାମର ୪ ପରିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି, ସ୍ୱଚ୍ଛ ଶାସନ ଓ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ କାର୍ଯ୍ୟପ୍ରଣାଳୀରେ ପ୍ରଭାବିତ ହୋଇ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ସମସ୍ତଙ୍କୁ ବିଧାୟକ ଡ. ସାହୁ ଦଳୀୟ ଚିହ୍ନ ଥିବା ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସେମାନଙ୍କ ଯୋଗଦାନ ଆଗାମୀ ଦିନରେ ବିଜେଡିକୁ ଉଭୟ ପଞ୍ଚାୟତରେ ସଶକ୍ତ କରିବା ସହ ବିକାଶମୂଳକ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ କହିଥିଲେ।

## ୫ ନୂତନ ପିଇଓଙ୍କ ଦାୟିତ୍ୱ ଗ୍ରହଣ

**ଖଣ୍ଡପଡ଼ା,୧୩।୩(ସମିସ):** ଖଣ୍ଡପଡ଼ା ପଞ୍ଚାୟତ ସମିତିରେ ୫ ଜଣ ନୂତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଆଜି ପୂର୍ବାହ୍ନରେ ବିନୋଦ କୁମାର ମାଝୀ, ଦେବାଶିଷ ମଲ୍ଲିକ, ରଞ୍ଜିତ କୁମାର ସାହୁ, ରଶ୍ମିତା ବେହେରା ଏବଂ ସାସ୍ୱତୀ ପଟ୍ଟନାୟକ ପିଇଓ ଭାବରେ ଯୋଗଦାନ କରିଛନ୍ତି। ପ୍ରଥମେ ବିଡିଓ ଅଂକୁର ଅଭିଳାଷଙ୍କୁ ସାକ୍ଷାତ କରିବା ସହିତ ନିଜର ଦାୟିତ୍ୱ ସମ୍ପର୍କରେ ବୁଝି ନେଇଥିଲେ। ତେବେ ଖୁବ୍‌ଶୀଘ୍ର ଆଉ ଦୁଇଜଣ ପିଇଓ ଯୋଗଦେବେ ବୋଲି ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅନିତ କୁମାର ବଡ଼ସେଠ ସୂଚନା ଦେଇଛନ୍ତି।

● ବିଶାଳ ବାଇକ୍ ଶୋଭାଯାତ୍ରା; ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ କଲେ ବିଧାୟକ

# 'ବିକାଶ ପାଇଁ ଭିଜନ୍ ସହ ସୁପରଭିଜନ୍ ଆବଶ୍ୟକ'





**ନୟାଗଡ଼,୧୩।୩(ସମିସ)**

ନୟାଗଡ଼ ବ୍ଲକ ବାଲୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଭାବେ ନିର୍ମାଣ କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଆଜି ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ନିର୍ମାଣ କରାଯାଇଥିବା ଏହି ଗୃହକୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ୯୭ ଲକ୍ଷ ଟଙ୍କା ବ୍ୟୟରେ ଏହି ଅତ୍ୟାଧୁନିକ କ୍ଷମତା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଥିବା ସୂଚନା ମିଳିଛି। ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତଠାରୁ ୪ ଶହରୁ ଊର୍ଦ୍ଧ୍ୱର୍ ବାଇକ୍ ଶୋଭାଯାତ୍ରାରେ ବାଲୁଗାଁ ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା। ଦଳୀୟ କର୍ମୀମାନେ ନବୀନ ଓ ଅରୁଣ ନାରାରେ ନୟାଗଡ଼ ଖଣ୍ଡପଡ଼ା ରାସ୍ତାକୁ ପ୍ରକମ୍ପିତ କରିଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର, ସ୍ଥାନୀ ସରପଞ୍ଚ ମନୋଜ କୁମାର ନାୟକ, ସମିତି ସଭ୍ୟ କବିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ନୟାଗଡ଼ ବିକାଶ ସମ୍ପର୍କରେ ବିଧାୟକ ବକ୍ତବ୍ୟ ରଖିବା ସହ ବିକାଶ ପାଇଁ ଭିଜନ୍ ସହ ସୁପରଭିଜନ୍‌ର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳକୁ ସହରାଞ୍ଚଳ ଭଳି ସୁବିଧା ପ୍ରଦାନ କରିବା ଏବଂ ଉନ୍ନୟନମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଥିବା କହିଥିଲେ। ନୟାଗଡ଼ରେ ଆମେ ବିକାଶକୁ ଗୁରୁତ୍ୱ ଦେଉଥିବା ବେଳେ ବିରୋଧୀ ବକବାସ୍‌କୁ ଗୁରୁତ୍ୱ ଦେଉଥିବା କହିଥିଲେ। ଆମେ ବିକାଶକୁ ନେଇ ଲୋକଙ୍କ ପାଖକୁ ଯାଉଛୁ, ସେମାନେ ବକବାସ୍‌କୁ ଧରି ଲଢ଼େଇ କରିବାର ସ୍ୱପ୍ନ ଦେଖୁଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବାଲୁଗାଁ ପଞ୍ଚାୟତର ବହୁ ବୁଦ୍ଧିଜୀବୀ ଏବଂ ମହିଳା ସାମିଲ ହୋଇଥିଲେ।

କିଆଝର ପଞ୍ଚାୟତରେ ପାନୀୟଜଳ ସମସ୍ୟା

# ପାଇପ୍ ବିଛାଇବାରେ ଅହେତୁକ ବିଳମ୍ବ

**ଖଣ୍ଡପଡ଼ା,୧୩।୩(ସମିସ)**

ଖଣ୍ଡପଡ଼ା ବ୍ଲକ କିଆଝର ପଞ୍ଚାୟତ ଅଧୀନ କିଆଝର, କିଆଝରପାଟଣା, ଗୋଛାବାରି ଓ ସାତଗୋଛିଆ ଗ୍ରାମର ଦଶ ଗୋଟି ୱାର୍ଡରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଥିବା ବେଳେ ନୂତନ ପାଇପ୍ ବିଛାଇବା ନିମନ୍ତେ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ପ୍ରାୟ ୬ ମାସ ହେବ ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏ ଦିଗରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇନାହିଁ। ସାତଗୋଛିଆ ଗ୍ରାମବାସୀଙ୍କଠାରୁ ମିଳିଥିବା ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ପକ୍ଷରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରାଯାଇଛି। ମାତ୍ର କିଆଝର ଗ୍ୟାରେଜ ଛକଠାରୁ ଗ୍ରାମ ପର୍ଯ୍ୟନ୍ତ ଏକାଧିକ ଥାନାରେ ପାଇପ୍ ଫାଟିବା ଯୋଗୁଁ ପାନୀୟ ଜଳ ପହଞ୍ଚି ପାରୁନାହିଁ। ଖଳିସାହିଠାରୁ କୋସକା ସଂଯୋଗ କରୁଥିବା ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାକଡ଼ରେ ପାନୀୟ ଜଳ ଅଯଥାରେ ଅପଚୟ ହେଉଥିବା ବେଳେ କିନ୍ତୁ ଗ୍ରାମବାସୀଙ୍କ ନିକଟରେ ଏହି ଜଳ ପହଞ୍ଚିପାରୁନି। ସେହିପରି କିଆଝର ଏବଂ ଗୋଛାବାରି ଗ୍ରାମରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଦୀପାଞ୍ଜଳି ମହାନ୍ତିଙ୍କ ସହ ଯୋଗାଯୋଗ କରିବାରେ ନିମ୍ନମାନର ପାଇପ୍‌କୁ ଦାୟୀ କରିଛନ୍ତି। ଦୀର୍ଘବର୍ଷ ତଳେ ୪ ଇଞ୍ଚିଆ ମୋଟେଇ ପାଇପ୍ ବିଛାଯାଇଥିବା ବେଳେ ଏହା ସମୟ କ୍ରମେ ନଷ୍ଟ ହୋଇ ପାନୀୟ ଜଳ ଯୋଗାଣରେ ବାଧାସୃଷ୍ଟି କରୁଥିବା ସରପଞ୍ଚ ଶ୍ରୀମତୀ ମହାନ୍ତି ପ୍ରତିକ୍ରିୟା ଦେଇଛନ୍ତି। ଅନ୍ୟପକ୍ଷରେ ଗୋଟିଏ ସ୍ଥାନ ନୁହେଁ ପ୍ରତିଦିନ ଏକାଧିକ ସ୍ଥାନରେ ପାଇପ୍ ଫାଟି ଜଳନଷ୍ଟ ହେଉଥିବା ବେଳେ ମରାମତି ପାଇଁ ଅର୍ଥ ଅଭାବ ରହୁଥିବା ନେଇ ସୂଚନା ମିଳିଛି। ତେବେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ୬ ଇଞ୍ଚିଆ ଜିଆଇ ପାଇପ୍ ବିଛାଗଲେ ସମସ୍ୟା ସମାଧାନ ହୋଇପାରିବ ବୋଲି କହିଛନ୍ତି ସ୍ଥାନୀୟ ସରପଞ୍ଚ। ସମସ୍ୟା ବାବଦରେ ଖଣ୍ଡପଡ଼ା ଗ୍ରାମ୍ୟ ଜଳଯୋଗାଣ ବିଭାଗ ଏବଂ ନୟାଗଡ଼ରେ ବିଭାଗୀୟ ଏସ୍‌ଡିଓଙ୍କୁ ଘଟଣା ବାବଦରେ ସ୍ଥାନୀୟ ସରପଞ୍ଚ ଚିଠି ଯୋଗେ ଅବଗତ କରାଇଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରାଯିବା ଯୋଗୁଁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ଦିନ ତଳେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଏସ୍‌ଡିଓ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ ମଧ୍ୟ ଏଯାବତ ସୁଫଳ ମିଳି ନାହିଁ। ଏନେଇ ଏସି ସର୍ଫରାଜ ଖାନ ଏବଂ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହୋତାଙ୍କ ପ୍ରତିକ୍ରିୟା ନେବାରୁ ଖୁବ୍‌ଶୀଘ୍ର ନୂତନ ପାଇପ୍ ବିଛାଇବା ପାଇଁ କହିଛନ୍ତି। ତେବେ ଦୀର୍ଘଦିନ ଧରି ଅଭିଯୋଗ ସତ୍ତ୍ୱେ ବିଭାଗ ପକ୍ଷରୁ କାର୍ଯ୍ୟ ହେଉନଥିବାରୁ ସେମାନଙ୍କ ଠାରୁ ଭରସା ତୁଟିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାରେ ନୂତନ ପାଇପ୍ ବିଛାଇବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସରପଞ୍ଚ ଶ୍ରୀମତୀ ମହାନ୍ତିଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

**ଚାରି ମାସ ହେବ ଜଳଯୋଗାଣ ବାଧାପ୍ରାପ୍ତ**

## ସକାଳ ହେଲେ ପାଣି ଚିନ୍ତା

**ଓଡ଼ଗାଁ,୧୩।୩(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଝୋଲା ପଞ୍ଚାୟତ ମାଣିକପାଟଣା ବଡ଼ସାହିର ଲୋକେ ସକାଳ ପାଇଲେ ପାଣି ପାଇଁ ହେଉଛନ୍ତି ତହକ ବିକଳ। ପିଇବା ପାଣି ଟିକିଏ ପାଇଁ କିଏ ସାଇକେଲରେ ତ କିଏ ସ୍କୁଟିରେ ଏବଂ କିଏ ହାତରେ ଗରା ବାଲଟି ଧରି ପାଇପ୍ ମୂଳେ ଘଣ୍ଟା ଘଣ୍ଟା ଠିଆ ହେବାକୁ ପଡୁଛି। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱର୍ ଜନସଂଖ୍ୟା ବିଶିଷ୍ଟ ବାହାଡ଼ାଝୋଲା ପଞ୍ଚାୟତ ମାଣିକପାଟଣା ବଡ଼ସାହି ଘର ବାଡ଼ିପଟ କୂଅଗୁଡ଼ିକ ଖରାଦିନ ଆରମ୍ଭରୁ ସୁଖିଲା ପଡ଼ିଥିବା ବେଳେ ୩ ନଳକୂପର ପାଣି ଏତେ ଖରାପ ଯେ ଥାଇ ନଥିବା ଭଳିଆ। ରକ୍ଷଣାବେକ୍ଷଣ ଅଭାବରୁ ପଞ୍ଚାୟତ କୂଅ ୩ଟି ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ପାଇପ୍‌ରେ ପାଣି ଛଡ଼ାଯାଉଥିଲେ ମଧ୍ୟ ଗୋଟିଏ ଦୁଇଟିକୁ ଛାଡ଼ିଦେଲେ ଅନ୍ୟ ସବୁ ଶୁଖିଲା। ଏଣୁ ରାତି ପାହିଲେ ଲୋକଙ୍କ ପାଇଁ ପାଣି ଚିନ୍ତା। ଗରା ବାଲ୍ଟି ଧରି ପାଣି ଆସୁଥିବା ପାଇପ୍ ମୂଳେ ଧାଡ଼ିରେ ଠିଆହୋଇଯାନ୍ତି। ମାତ୍ର ଅଧଘଣ୍ଟା ପାଣି ଆସୁଥିବାରୁ ଯାହାର ପାଳି ପଡ଼ିଲା ସେ ପାଣିଟିକିଏ ପାଇଲା। ଏନେଇ ବାହାଡ଼ାଝୋଲା ପଞ୍ଚାୟତ ସରପଞ୍ଚ ଅଧିକ ସମୟ ପାଣି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଥିବା କହିଛନ୍ତି।



## କ୍ରିଦାଶପୁରରେ ବିକାଶମୂଳକ ଆଲୋଚନା



**ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା**

**ନୟାଗଡ଼,୧୩।୩(ସମିସ):** ନୟାଗଡ଼ ବ୍ଲକ ଅନ୍ତର୍ଗତ କ୍ରିଦାଶପୁର ପଞ୍ଚାୟତରେ ସରପଞ୍ଚ ସଞ୍ଜୁବାଳା ବିଶ୍ୱାଳଙ୍କ ଦାୟିତ୍ୱ ଗ୍ରହଣକୁ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିକାଶ ସମ୍ପର୍କରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଭାବେ 'ପ୍ରଗତିବାଦୀ' ଜିଲ୍ଲା ପ୍ରତିନିଧି ସୁବାସ ଚନ୍ଦ୍ର ମହାପାତ୍ର, 'ପ୍ରତିଦିନ' ଜିଲ୍ଲା ପ୍ରତିନିଧି ସୁରେନ୍ଦ୍ର ନାଥ ପ୍ରଧାନ, 'ସକାଳ' ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପଣ୍ଡା ଯୋଗ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ କର୍ମଚାରୀ, ବୁଦ୍ଧିଜୀବୀ ଓ ମହିଳାମାନେ ସାମିଲ ହୋଇଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଶ୍ରୀ ମହାପାତ୍ର କ୍ରିଦାଶପୁର ପଞ୍ଚାୟତ ବିକାଶ ପାଇଁ ଅନେକ ଗଠନମୂଳକ ପ୍ରସ୍ତାବ ଦେଇଥିଲେ।

## ମହାନଦୀରେ ଶିଶୁକନ୍ୟାର ମୃତଦେହ

**କଣ୍ଟିଲୋ,୧୩।୩(ସମିସ):** ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ବଜାର ନିକଟ ମହାନଦୀ କୂଳଘାଟରେ ଏକ ଅଜଣା ଶିଶୁକନ୍ୟାର ମୃତଦେହ ଭାସୁଥିବା ଦେଖାଯାଇଛି। ଦ୍ୱିପ୍ରହର ସମୟରେ ଘଟଣା ପ୍ରଚାରିତ ହେବା ପରେ ମହାନଦୀ କୂଳ ଲୋକାରଣ୍ୟ ହୋଇ ପଡ଼ିଥିଲା। ମହାନଦୀ କୂଳ ବର୍ତ୍ତମାନ ପଥର ପ୍ୟାକିଂ ଓ ଡମ୍ପିଂ କାର୍ଯ୍ୟ ଜାରି ରହିଥିବା ବେଳେ ନଦୀକୂଳରେ ପଥରଗୁଡ଼ିକ ବିଖିପ୍ତ ଭାବେ ପଡ଼ି ରହିଛି। ପାଣି ମଧ୍ୟରେ ପଡ଼ିଥିବା ପଥର ପାଖରେ ଗାଧୋଇବାକୁ ଯିବା ସମୟରେ ସ୍ଥାନୀୟ ଗ୍ରାମବାସୀ ମୃତଦେହ ଦେଖି ସ୍ଥାନୀୟ କଣ୍ଟିଲୋ ଫାଣ୍ଡିରେ ଜଣାଇଥିଲେ। ଉକ୍ତ ମୃତଦେହ ବୟସ ଆନୁମାନିକ ୧ ବର୍ଷ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଥିବା ବେଳେ ପରିଚୟ ଜଣାପଡ଼ିନାହିଁ। ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ଅନୁସନ୍ଧାନ ଜାରି ରଖିଥିବା ସୂଚନା ଦେଇଛନ୍ତି।

ଖୋର୍ଦ୍ଧା ବ୍ଲକରେ 'ସ୍ୱଚ୍ଛ ଭାରତ' ବାଟବଣା

# ହିତାଧିକାରୀଙ୍କ ପାଇଖାନା ଟଙ୍କା ହଡ଼ପ

- ମୃତ ବ୍ୟକ୍ତିଙ୍କ ନାଁରେ ହୋଇଛି ବିଲ୍
- ଅଭିଯୋଗର ତଦନ୍ତ ଚାଲିଛି: ବିଡିଓ

ଖୋର୍ଦ୍ଧା, ୧୩।୩(ସମିସ):

ଖୋର୍ଦ୍ଧା ବ୍ଲକରେ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ହୋଇଥିବା ପାଇଖାନା ଅର୍ଥ କିଛି ଅସାଧୁ ସରକାରୀ ଅଧିକାରୀ ଓ ବେସରକାରୀ ସଂସ୍ଥା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏପରିକି ମୃତ ବ୍ୟକ୍ତିଙ୍କ ନାଁରେ ବିଲ୍ ହୋଇଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ବ୍ଲକ ବ୍ରଜମୋହନପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବ୍ରଜମୋହନପୁର ଗ୍ରାମରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନରେ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ ନିମନ୍ତେ ଆଦେଶ ପ୍ରଦାନ କରାଯାଇଥିବାବେଳେ ହିତାଧିକାରୀ ନିଜସ୍ୱ ଅର୍ଥରେ ପାଇଖାନା କରିଥିଲେ। ତେବେ ସହାୟତା ରାଶି ପାଇଁ ବାରମ୍ବାର ବ୍ଲକକୁ ଧାଇଁଥିଲେ, କିନ୍ତୁ ଦୀର୍ଘ ୩ ବର୍ଷ ହେବ ବ୍ଲକକୁ ଦୌଡ଼ିବା ପରେ ମଧ୍ୟ ବିଲ୍ ହୋଇନଥିଲା। ଏନେଇ ହିତାଧିକାରୀ ସୂଚନା ଅଧିକାର ଆଇନ ବଳରେ ଏହାର ତଥ୍ୟ ମାଗିଥିଲେ। ସୂଚନା ଅଧିକାରରୁ ୧୨ ହଜାର ଟଙ୍କା ପ୍ରୋତ୍ସାହନ ରାଶିକୁ ଅସାଧୁ ଅଧିକାରୀ ଆତ୍ମସାତ୍ କରିଥିବା ଜାଣିବାକୁ ପାଇଥିଲେ। ଆରଟିଆଇରେ ସୂଚନା ପାଇବା ପରେ ଏଭଳି ଘଟଣା ଜଣାପଡ଼ିଥିବାବେଳେ ହିତାଧିକାରୀଙ୍କ ପ୍ରୋତ୍ସାହନ ରାଶିକୁ କିଭଳି ଭାବେ ଚଞ୍ଚକତା କରି ହରିଲୁଟ୍ କରିଛନ୍ତି, ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବ୍ରଜମୋହନପୁରର ହିତାଧିକାରୀ ବିଶ୍ୱନାଥ ଜୁଝାରସିଂହଙ୍କ ନାମରେ ଆସିଥିବା ପାଇଖାନା ନିର୍ମାଣ ପ୍ରୋତ୍ସାହନ ରାଶିକୁ ଏନ୍‌ଜିଓକୁ ପ୍ରଦାନ କରାଯାଇଥିବା ସୂଚନା ଅଧିକାରରେ ଜଣାପଡ଼ିଛି। ସେହିପରି ନରସିଂହ ବେହେରା, ଅହଲ୍ୟା ନାୟକ, ମାନସ ନାୟକ ଓ ଆହୁରି ଅନେକ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ନାମରେ ବିଲ୍ ହୋଇଛି। ତେବେ ମୃତ ବ୍ୟକ୍ତିଙ୍କ ନାମରେ କିଭଳି ପାଇଖାନା ବିଲ୍ କରି ଅନୁଦାନ ରାଶିକୁ ଆତ୍ମସାତ୍ କରିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ବ୍ରଜମୋହନପୁରର ଅନ୍ୟଜଣେ ହିତାଧିକାରୀ ଘନଶ୍ୟାମ ଜୁଝାରସିଂହଙ୍କ ପାଇଖାନା ନିର୍ମାଣ ଅନୁଦାନ ରାଶିକୁ ବେସରକାରୀ ସଂସ୍ଥା ମାଧ୍ୟମରେ ଆତ୍ମସାତ୍ କରାଯାଇଥିବା ନେଇ ବ୍ରଜମୋହନପୁରର ରାମଚନ୍ଦ୍ର ଜୁଝାରସିଂ ବାରମ୍ବାର ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କଲାପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ସେ ଅଭିଯୋଗ କରିଛନ୍ତି। ତେବେ ବ୍ଲକରେ କେବଳ ଏହି ଜଣେ ଦୁଇ ଜଣ ନୁହେଁ ବହୁ ହିତାଧିକାରୀଙ୍କର ଏଭଳି ପାଇଖାନା ଟଙ୍କା ହଡ଼ପ ହୋଇଛି। ଏ ସମ୍ପର୍କରେ ବିଡିଓ କ୍ଷୀରାବ୍ଧି ତନୟା ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗ ମିଳିଛି। ବହୁ ବର୍ଷ ତଳର ପ୍ରକଳ୍ପ। ତେଣୁ ଅଭିଯୋଗର ତଦନ୍ତ ଚାଲିଛି। ରିପୋର୍ଟ ହସ୍ତଗତ ହେଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବୋଲଗଡ଼କୁ ଏନ୍‌ଏସି ମାନ୍ୟତା

- ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ




ବୋଲଗଡ଼, ୧୩।୩(ସମିସ): ରାଜ୍ୟ ସରକାର ବୁଧବାର ବୋଲଗଡ଼କୁ ଏନ୍‌ଏସି ଘୋଷଣା କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବୋଲଗଡ଼ବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ କୁମାର ସାହୁ, ସଂଗଠକ ବ୍ରଜବନ୍ଧୁ ସୁବୁଦ୍ଧି, କଂଗ୍ରେସ ନେତା ପୃଥୀବଲ୍ଲଭ ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ ଓ ତାରା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଦେଶୀମଦ ଓ ପୋଚ ଜବତ; ୭ ଗିରଫ



ବାଲୁଗାଁ, ୧୩।୩(ସମିସ): ଖୋର୍ଦ୍ଧା, ଟାଙ୍ଗୀ ଓ ବାଲୁଗାଁ ଅବକାରୀ ବିଭାଗ ସହ ବାଣପୁର ପୁଲିସର ଏକ ପ୍ଲାଟୁନ ଫୋର୍ସ ସାମିଲ ହୋଇ ମିଳିତ ଭାବେ ବାଣପୁର ଥାନା ଅନ୍ତର୍ଗତ ଜଙ୍ଗଲ ଅଞ୍ଚଳ ନୀଳାଦ୍ରି, ଦାମିଆ ବରବରା ଓ କୋଷରଡ଼ା ଗ୍ରାମର ମଦଭାଟି ଉପରେ ଚଢ଼ଉ କରିଥିଲେ। ଉକ୍ତ ମାଳ ଜଙ୍ଗଲ ଅଞ୍ଚଳରୁ ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ମୋଟ ୧୫ ହଜାର ୫ ଶହ ଲିଟର ପୋଚ ସମେତ ଚୋରା ଚାଲାଣ ନିମନ୍ତେ ରଖାଯାଇଥିବା ସମୁଦାୟ ୧୨ ଶହ ଲିଟର ଦେଶୀମଦ ଜବତ କରି ସେସବୁକୁ ନଷ୍ଟ କରି ଦିଆଯାଇଛି। ସେହିପରି ବାଣପୁର ଦାଶରଥିପୁର ଗ୍ରାମର ବିଭିନ୍ନ ବେଆଇନ ମଦ ଭାଟି ଉପରେ ଚଢ଼ଉ କରି ୩ ଜଣ ମଦ ବେପାରୀଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୯୦ ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ଅବକାରୀ ବିଭାଗ ୪ ଜଣ ମଦ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୨୭ ଲିଟର ଚୋରା ଦେଶୀମଦ ଜବତ କରିଥିଲେ। ପୁଲିସ ଓ ଅବକାରୀ ବିଭାଗ ସମୁଦାୟ ୨୧୭ ଲିଟର ଦେଶୀମଦ ଜବତ କରିବା ସହ ମୋଟ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ବାଣପୁର ଥାନାରେ ୩ଟି ପୃଥକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ପୃଥକ୍ ଭାବେ ୪ଟି ମାମଲା ରୁଜୁ କରାଯାଇ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଘରୁ ଟଙ୍କା ଓ ସୁନା ଅଳଙ୍କାର ଚୋରି

ନିରାକାରପୁର, ୧୩।୩(ସମିସ): ନିରାକାରପୁର ଥାନା ରାମେଶ୍ୱର ପଞ୍ଚାୟତ ମଧୁବନ ଗ୍ରାମ ତଳସାହି ବୀରେନ୍ଦ୍ର କୁମାର ରଣସିଂହଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗତକାଲି ରାତିରେ ବୀରେନ୍ଦ୍ରଙ୍କ ପତ୍ନୀ ଓ ତାଙ୍କ ଝିଅ ଗୋଟିଏ ଘରେ ଆଉ ଅନ୍ୟ ଏକ ଘରେ ସେ ନିଜେ ଶୋଇ ଥିବାବେଳେ କେହି ଦୁର୍ବୃତ୍ତ ଗୋଟିଏ ଘର ତାଲା ଭାଙ୍ଗି ଦୁଇଟି ଦସ୍ତା ବାକ୍ସକୁ ନେଇ ଯାଇଥିଲେ। ଗୋଟିଏ ବାକ୍ସକୁ ବାଡ଼ି ପାଖରେ ଆଉ ଗୋଟିଏକୁ ନିକଟସ୍ଥ ବିଲ ଗହୀରରେ ପକାଇ ପଳାଇଥିଲେ। ଭୋରୁ ଉଠି ବୀରେନ୍ଦ୍ର ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ଝିଅ ଓ ପତ୍ନୀ ଶୋଇଥିବା ଘରର ବାହାର ପଟୁ ଦୁଆର ଦିଆଯାଇଥିବା ଦେଖିବାକୁ ମିଳିଥିଲା। ବାକ୍ସରେ ଥିବା ନଗଦ ୮୫ ହଜାର ଟଙ୍କା, ତିନି ଭରିର ଏକ ସୁନାଚେନ୍, ହଳେ କାନଫୁଲ, ଗୋଟିଏ ମଙ୍ଗଳସୂତ୍ର, ୨ଟି ଲକେଟ ଓ ଏକ ସୁନାମୁଦି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ନିରାକାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାକ୍ସ ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ନିରାକାରପୁର, ୧୩।୩(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ କମାଗୁରୁ ଓ ଜଙ୍କିଆ ଅଞ୍ଚଳକୁ ପୁରୀରୁ ବ୍ରାଉନ୍‌ସୁଗର ଆସି ବିକ୍ରି ହେଉଥିବା ଖବର ପୁଲିସ ବିଶେଷ ସୂତ୍ରରୁ ପାଇ ବ୍ରାଉନସୁଗର ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରିଛି। ଗତକାଲି ପୁରୀରୁ ଜଙ୍କିଆ ଅଞ୍ଚଳକୁ ବ୍ରାଉନସୁଗର ଆସୁଥିବା ଖବର ପାଇ ଜଙ୍କିଆ ଥାନା ଆଇଆଇସି ପ୍ରଜ୍ଞା ରିତମ୍ଭରା କରଙ୍କ ନେତୃତ୍ୱରେ ଏଆଇ ତୁଷାର ପରିଡ଼ା, ଏଏସଆଇ ବିଦ୍ୟାଧର ମଲ୍ଲିକ, ଏଏସ୍‌ଆଇ ପ୍ରମୋଦ କୁମାର ଦଳେଇଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ କମାଗୁରୁ ଜଙ୍ଗଲ ନିକଟରେ ଏକ ଅଟୋକୁ ଅଟକାଇଥିଲେ। ପୁରୀରୁ ଆସିଥିବା ଟି ସୋମନାଥ ରେ‡ୀ ଓ ବି ଗଣେଶ ରେ‡ୀକୁ ଗିରଫ କରି ସେମାନଙ୍କଠାରୁ ପୁଲିସ ୧୩.୨୯ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଉଭୟଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ। ଗିରଫ ଟି ସୋମନାଥର ପ୍ରକୃତ ଘର ଛତ୍ରପୁର ଥାନା କରତୁଲି ଓ ବି ଗଣେଶର ଘର ଉକ୍ତ ଥାନା ଅନ୍ତର୍ଗତ କତୁଆରୀରେ ହୋଇଥିବାବେଳେ ସେମାନେ ପୁରୀ ଷ୍ଟେସନ ନିକଟରେ ରହୁଥିବା ଜଣାପଡ଼ିଛି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଖୋର୍ଦ୍ଧା, ୧୩।୩(ସମିସ): ୧୬ନଂ ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକଠାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଣାସ ଥାନା ବରଦାର ଛବି ଜେନା (୪୬)। ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକଠାରେ ରାସ୍ତାପାର୍ଶ୍ୱରେ ତାଙ୍କ ବାଇକ୍ ପାର୍କିଂ କରି ରାସ୍ତାରେ ଠିଆ ହୋଇଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ଭାଇ ଶିଖାଞ୍ଚଳ ଥାନାରେ ଅଭିଯୋଗ କରିବାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ନୂତନ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ

ଖୋର୍ଦ୍ଧା, ୧୩।୩(ସମିସ): ସ୍ଥାନୀୟ ପ୍ରାଣନାଥ ମହାବିଦ୍ୟାଳୟର ନୂତନ ଛାତ୍ରାବାସ ଲାଗି ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା କଲେଜ ପରିଚାଳନା କମିଟି ସଭାପତି ଜ୍ୟୋତିରିନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିତ୍ତିପ୍ରସ୍ଥର ସ୍ଥାପନ କରିଥିଲେ। ରାଜ୍ୟ ଟ୍ରାଇବାଲ ୱେଲଫେୟାର ରେସିଡେନ୍ସିଆଲ ଦ୍ୱାରା ଅନୁମୋଦିତ ଏହି ଛାତ୍ରାବାସରେ ମୋଟ ଦୁଇଶହ ଛାତ୍ର ରହିବା ଲାଗି ଯୋଜନା ରହିଛି। ପ୍ରାୟ ୧ ଏକର ପରିମିତ ଜାଗାରେ ୧୨କୋଟି ଟଙ୍କା ବ୍ୟୟରେ ଏହି ଛାତ୍ରାବାସ ନିର୍ମାଣ ହେବାକୁ ଥିବାବେଳେ ୧୮ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କଲେଜ ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସେହିପରି କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।



# ଜିଲ୍ଲା ଟାସ୍କଫୋର୍ସ କମିଟି ବୈଠକ

ଖୋର୍ଦ୍ଧା, ୧୩।୩(ସମିସ): ଖୋର୍ଦ୍ଧା ଜିଲ୍ଲା ଟାସ୍କଫୋର୍ସ କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ କାର୍ଯ୍ୟ କରୁଥିବା ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଯାଞ୍ଚ କଡ଼ାକଡି କରିବା, କେନ୍ଦ୍ରଗୁଡ଼ିକରେ ଭ୍ରୂଣ ହତ୍ୟା ହେଉଛି କି ନାହିଁ ତାହା ଯାଞ୍ଚ କରିବା, ଏ ଦିଗରେ ରହିଥିବା ଆଇନ୍‌କୁ କଡ଼ାକଡ଼ି ଭାବେ କାର୍ଯ୍ୟ କରିବା ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାରେ ଏବେ ହଜାରେ ପୁଅରେ ୯୨୫ ଝିଅ ଅଛନ୍ତି। ତେଣୁ କନ୍ୟା ସନ୍ତାନଙ୍କ ସଂଖ୍ୟା କିପରି ବୃଦ୍ଧି ପାଇବ ସେ ଦିଗରେ ଅଧିକାରୀମାନେ ସଚେତନତା ସୃଷ୍ଟି କରିବା ପାଇଁ ଆଲୋଚନା ହୋଇଥିଲା। କନ୍ୟାଭ୍ରୂଣ ହତ୍ୟା ଯୋଗୁ କନ୍ୟା ସନ୍ତାନଙ୍କ ସଂଖ୍ୟା କମିବାରେ ଲାଗିଛି। ତେଣୁ ଏ ଦିଗରେ ସଚେତନତା ସୃଷ୍ଟି କରିବା ସହ କନ୍ୟାଭ୍ରୂଣ ହତ୍ୟା ରୋକିବା ପାଇଁ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଜିଲ୍ଲାମୁଖ୍ୟ ଚିକିତ୍ସାଧୀକାରୀ ଡା.ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରଘୁନାଥ ନାୟକଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭୂଷଣ୍ଡପୁର ନୂତନ ଫାଣ୍ଡି ଗୃହ ଉଦ୍‌ଘାଟିତ



ଭୂଷଣ୍ଡପୁର, ୧୩।୩(ସମିସ): ଟାଙ୍ଗୀ ଥାନା ଅଧୀନରେ ଥିବା ବହୁ ପୁରାତନ ଭୂଷଣ୍ଡପୁର ଫାଣ୍ଡିର ନବନିର୍ମିତ ଗୃହକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ରାଜ୍ୟର ୧୬ଟି ଜିଲ୍ଲାର ୨୯ଟି ଫାଣ୍ଡି ଏବଂ ଥାନା ଗୃହ ଏବଂ ନୂତନ ଏସ୍‌ଡିପିଓ କାର୍ଯ୍ୟାଳୟର ଉଦ୍‌ଘାଟନ ସହିତ ଭୂଷଣ୍ଡପୁର ଫାଣ୍ଡିର ମଧ୍ୟ ଉଦ୍‌ଘାଟନ କରାଯାଇଛି। ଫାଣ୍ଡି ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଏସ୍‌ଡିପିଓ ବାଲୁଗାଁ ଶୁଭ୍ରାଂଶୁ ଶେଖର ମିଶ୍ର, ଆଇଆଇସି ବାଣପୁର, ଆଇଆଇସି ଟାଙ୍ଗୀ ସୁଶାନ୍ତ କୁମାର ବେହେରା, ଫାଣ୍ଡି ଅଧିକାରୀ ବିନୋଦ ଚନ୍ଦ୍ର ପରିଡ଼ା, ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ବିରଞ୍ଚି ନାରାୟଣ ପ୍ରଧାନ, ଭୂଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାସମହାପାତ୍ର, ସମାଜସେବୀ ବାସୁଦେବ ମହାରଣା, ତ୍ରିନାଥ ସେଠୀ, ପୂର୍ବତନ ସରପଞ୍ଚ ଗୋପାଳ ଜେନା, ସୁରେନ୍ଦ୍ର ବେହେରା, ପ୍ରଭାକର ରାଉତରାୟ, ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା ଏବଂ ସମାଜସେବୀ କୁମର ପ୍ରଧାନ, ଶିବ ପରିଡ଼ା, କବି ନାୟକ ପ୍ରମୁଖ ଯୋଗ ଦେଇଥିଲେ।

- କେରଙ୍ଗ ଅହମଦୀୟା ରାଜ୍ୟସ୍ତରୀୟ ଫୁଟବଲ୍

# ଟାଙ୍ଗୀର ରଘୁନାଥ ଦେବ ଏଫସି ବିଜୟୀ



ଖୋର୍ଦ୍ଧା, ୧୩।୩(ସମିସ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଖେଳ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆଜି ଚତୁର୍ଥ ଦିବସରେ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଓ ରଘୁନାଥ ଦେବ ଏଫ୍.ସି ଟାଙ୍ଗୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଟାଙ୍ଗୀ ୧-୦ ଗୋଲ୍‌ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫ ମିନିଟ୍ ଖେଳ ହୋଇଥିବାବେଳେ ଆଉ ଦୁଇଟି ସୁନ୍ଦର ଗୋଲ ଦେଇ ଖେଳକୁ ୩-୦ରେ ଅଗ୍ରଣୀ ଲାଭ କରି ରଘୁନାଥ ଦେବ ଟାଙ୍ଗୀ ବିଜୟୀ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ମଳିପୁର ପଞ୍ଚାୟତର ସରପଞ୍ଚ ସୁଦାମ ସେଠୀ, ସମ୍ମାନିତ ଅତିଥି ରୂପେ ରୌଶନ୍ ଖାଁ, ପୂର୍ବତନ ସଭାପତି ପଙ୍କଜ, ସମିତି ସଭ୍ୟ ମଳିପଡ଼ା ଅର୍ଜୁନପୁର ବୁଦ୍ଧଦେବ ମାଝୀ, ସମାଜସେବୀ ସମରକାନ୍ତ ପଟ୍ଟନାୟକ, ଦେବାଶିଷ ନାୟକ, ମକସୁଦ ଖାଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ମ୍ୟାଚ୍‌କୁ ମୁଖ୍ୟ ରେଫେରି ପି.କେ ନାଏକ, ଲାଇନରେ ସଗୀର୍ ଅହମଦ, ସଖାବତ୍ ଖାଁ, ଫୋର୍ଥରେ ଅମଜାଦ ଏହେଶାନ ଓ ଶୋଏବ ଅହମ୍ମଦ ପରିଚାଳନା କରିଥିଲେ।

## ବିଜେଡି ପକ୍ଷରୁ ସାଂଗଠନିକ ବୈଠକ



କୁହୁଡ଼ି, ୧୩।୩(ସମିସ): ରତନପୁର ବିଜୁ ଜନତା ଦଳ ତରଫରୁ ପ୍ରସିଦ୍ଧ ଦେବୀପୀଠ ପାଣ୍ଡବାଶୁନୀ ମନ୍ଦିର ପ୍ରାଙ୍ଗଣରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସୁବୁଦ୍ଧିଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଜିଲ୍ଲାପରିଷଦ ସଭ୍ୟ ବିଜୟ କୁମାର ଜେନା, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ସମିତି ସଭ୍ୟ ମାନସ ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ, ସଫଳ ଯୋଜନା ଓ ଜନହିତକର କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ବିନାୟକ ପ୍ରଧାନ, ଭାସ୍କର ଜେନା, ଶଙ୍କର ବେହେରା, ପ୍ରକାଶ ବେହେରା, ବିଜୟ ପ୍ରଧାନ, ହୃଷୀକେଶ ସାହୁ, ଦଣ୍ଡପାଣି ବେହେରା, କାହ୍ନୁ ବେହେରା, ପଦ୍ମ ପଳାଇ ଓ ଭାରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ସୁରଜ ପୋର୍ଟାଲ ଶୁଭାରମ୍ଭ




ଖୋର୍ଦ୍ଧା, ୧୩।୩(ସମିସ): ସ୍ଥାନୀୟ ଜୟୀରାଜଗୁରୁ ଟାଉନ୍‌ହଲ ପରିସରରେ ପ୍ରଧାନମନ୍ତ୍ରୀ ସାମାଜିକ ଉତ୍‌ଥାନ ଏବଂ ରୋଜଗାର ଆଧାରିତ ଜନକଲ୍ୟାଣ (ପିଏମ-ସୁରଜ) ପୋର୍ଟାଲ ଶୁଭାରମ୍ଭ କରାଯାଇଛି। ଏହାକୁ ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ। ଏହି ଯୋଜନାର ମୂଳ ଲକ୍ଷ ଗରିବ ଲୋକଙ୍କୁ ଏକ ଲକ୍ଷ ଟଙ୍କା ଋଣ ପ୍ରଦାନ କରିବା ଏବଂ ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ଗରିବମାନଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରୁଥିବା ନେଇ ଜଣସାଧାରଣଙ୍କ ପାଖରେ ରଖିବା। ଡ. ବୀରେନ୍ଦ୍ର କୁମାର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲାପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂହ, ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ବାଦଲ ମହାନ୍ତି, ଉପ-ଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖୋର୍ଦ୍ଧାର ୨ ଥାନାର ନୂତନ କୋଠା ଲୋକାର୍ପିତ

ଖୋର୍ଦ୍ଧା/ବେଗୁନିଆ, ୧୩।୩(ସମିସ):





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଆଭାସୀ ମାଧ୍ୟମରେ ୨୯ଟି ନବନିର୍ମିତ ପୁଲିସ ଥାନା, ଆଉଟ୍‌ପୋଷ୍ଟ ଓ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ କୋଠା ଲୋକାର୍ପିତ କରିଛନ୍ତି। ଏଥିରେ ଖୋର୍ଦ୍ଧା ପୁଲିସ ଜିଲ୍ଲାରେ ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ବାଘମାରୀ ଥାନା ରହିଛି। ଆଦର୍ଶ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଆଇଜି(କେନ୍ଦ୍ରାଞ୍ଚଳ) ଆଶିଷ ସିଂ, ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବି.ଯୁଗଳ କିଶୋର କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏନ କଲେଜ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ଜନପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ସଦର ଏସ୍‌ଡିପିଓ ଦିଲୀପ କୁମାର ଦାସ, ଥାନାଧିକାରୀ ସଞ୍ଜୟ ନାୟକ, ବରିଷ୍ଠ ଇନ୍ସପେକ୍ଟର ତାରିକ ଅହମ୍ମଦଙ୍କ ସମେତ ଅନ୍ୟ ଥାନାର ଅଧିକାରୀମାନେ ସାମିଲ ହୋଇଥିଲେ।

ବାଘମାରୀ ଥାନାଠାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ଲାବଣ୍ୟ ଜୟସିଂହ, ଲତା ସେଠୀ, ମାନସ ରଞ୍ଜନ ବିଶ୍ୱାଳ, ହାଡୁବନ୍ଧୁ ମହାପାତ୍ର, ସମିତି ସଭ୍ୟ ନବନିତା ମହାନ୍ତି, ବିଧାୟକ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା, ସମାଜସେବୀ ମଧୁସୂଦନ ସୁବୁଦ୍ଧି, ଶଶି ଭୂଷଣ ପାଣିଗ୍ରାହୀ, ସୁଶାନ୍ତ ମହାପାତ୍ର, ସନ୍ତୋଷ କୁମାର ବିଶ୍ୱାଳ, ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁରେନ୍ଦ୍ର ନାଥ ମୁର୍ମୁ, ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ, ଥାନା ଉପନିରୀକ୍ଷକ ଚନ୍ଦନ ଦାସ ଓ ସହକାରୀ ଉପନିରୀକ୍ଷକ ରଣଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ନବନିର୍ମିତ ଆଦର୍ଶ ଥାନାରେ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ହେଲ୍ପ ଡେସ୍କ, ସ୍ୱତନ୍ତ୍ର ଶିଶୁ ଓ ମହିଳା ଡେସ୍କ, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଶୌଚାଳୟ, ପାନୀୟଜଳ, ସୁବିଧା ରହିଛି। ଏଣିକି ଥାନାକୁ ଗଲେ ଲୋକଙ୍କୁ କୌଣସି ଅସୁବିଧା ହେବ ନାହିଁ ବୋଲି କୁହାଯାଇଛି। ଏନେଇ ଏସ୍‌ପି ବି.ଯୁଗଳ କିଶୋର କୁମାର କହିଲେ ଯେ, ଲୋକଙ୍କୁ ଉତ୍ତମ ସେବା, ତ୍ୱରିତ ନ୍ୟାୟ ପ୍ରଦାନ କରାଯିବ। ଉଭୟ ଥାନା ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୨୦ ମସିହାରେ ଏଠାରେ ଚାଲିଥିବା ପୁରୁଣା କୋଠାକୁ ଭଙ୍ଗାଯାଇ ନୂତନ କୋଠା ନିର୍ମାଣ ଆରମ୍ଭ ହୋଇଥିଲା। ସେବେଠାରୁ ବିଜେବି ହାଇସ୍କୁଲ ଛାତ୍ରାବାସରେ ଥାନା ଚାଲିଛି।

